

ନିର୍ବାଚନ ବିଶେଷାଙ୍କ

ଫେବୃଆରୀ-୧୯୭୧

# ଉତ୍କଳ ପ୍ରସଙ୍ଗ



ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ସନ୍ୟାଗୋଷ୍ଠୀ ପ୍ରଧାନ ବିଚାରପତିମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ

# ଉତ୍କଳ ପ୍ରସଙ୍ଗ

## ନିର୍ବାଚନ ବିଶେଷାଙ୍କ


| | | |
|---|---|---|
| ୨୭ଶ ଭାଗ | ଫେବୃଆରୀ-୧୯୭୧<br>ମାଘ—୧୮୯୨ | ୭ମ ସଂଖ୍ୟା |


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହଣକରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ପ୍ରକାଶନ ସମୟ—ପ୍ରତିମାସ ୧୫ ତାରିଖ

ବାର୍ଷିକ ଗ୍ରାହକ ଦେୟ—ଟ ୪·୮୦

ପ୍ରତି ଖଣ୍ଡର ମୂଲ୍ୟ ୪୦ ପଇସା

ସମ୍ପାଦକ—ହେରମ୍ବ ନାରାୟଣ ଦାସମହାପାତ୍ର,
ଆଇ. ଏ. ଏସ୍.,
ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ

ସହକାରୀ ସମ୍ପାଦକ—ସମର ବିଳାସ ପଟ୍ଟନାୟକ
ସୂଚନା ଅଧିକାରୀ

ପ୍ରକାଶକ—ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର
ଟେଲିଗ୍ରାମ—ଉତ୍‌ପ୍ରସ, ଭୁବନେଶ୍ୱର


## ସୂଚୀ

ପୃଷ୍ଠା


୧ । ଜନସାଧାରଣଙ୍କୁ ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ନିବେଦନ । ୧

୨ । ଅତୀତର ନିର୍ବାଚନ : ଏକ ସମୀକ୍ଷା ... ୩

୩ । ଭୋଟ ଦାନର ଗୋପନୀୟତା ରକ୍ଷା । ନିର୍ବାଚନ କମିଶନରଙ୍କ ପଦକ୍ଷେପ । ୫

୪ । ଭୋଟ ଦେବା ଆପଣଙ୍କର ଅଧିକାର ... ୭

୫ । ଆସନ୍ତା ନିର୍ବାଚନରେ ତରୁଣ ଭୋଟରଙ୍କ ଭୂମିକା । ୧୧

୬ । ଭୋଟ ଦାନ ପଦ୍ଧତି .. ୧୩

୭ । ଭୋଟରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ... ୧୫

୮ । ନିର୍ବାଚନ ସଙ୍କେତ ... ୧୮

୯ । ରାଜନୈତିକ ଦଳପାଇଁ ଆଚରଣ ବିଧି ୧୯

୧୦ । ନିର୍ବାଚନ ଆଇନର ପରିବର୍ତ୍ତନ ... ୨୧

୧୧ । ବିଭିନ୍ନ ରାଜ୍ୟପାଇଁ ନିର୍ବାଚନ କାର୍ଯ୍ୟକ୍ରମ ୨୪

୧୨ । ୧୯୬୨ ଓ ୧୯୬୭ ସାଧାରଣ ନିର୍ବାଚନ ସମ୍ପର୍କରେ କେତେକ ତଥ୍ୟ । ୨୬

୧୩ । ଭାରତରେ ଗଣତାନ୍ତ୍ରିକ ନିର୍ବାଚନର ସଂକ୍ଷିପ୍ତ ବୃତ୍ତାନ୍ତ । ୩୪

୧୪ । ଆମ ରାଜ୍ୟ ... ୩୨

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

[illegible]

# ଜନସାଧାରଣଙ୍କୁ ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ନିବେଦନ

ଭାରତୀୟ ଲୋକସଭା ଓ ରାଜ୍ୟ ବିଧାନସଭାର ପଞ୍ଚମ ସାଧାରଣ ନିର୍ବାଚନ ପାଇଁ ଆସିଲା ଏବଂ ଆପଣମାନଙ୍କ ଉପରେ ଗୋଟିଏ ଏ ବିଷୟରେ ଗୁରୁ ଦାୟିତ୍ୱର ଭାର ପଡ଼ିଲା । କାରଣ ସାଧାରଣ ନିର୍ବାଚନବେଳେ ଆପଣମାନେ ଆପଣମାନଙ୍କ ମନୋମତ ପ୍ରାର୍ଥୀମାନଙ୍କୁ ଭୋଟ ଦେଇ ଦେଶର ଶାସନରେ ପ୍ରତ୍ୟକ୍ଷ ଭାଗ ନେବାର ସୁଯୋଗ ଲାଭ କରିବେ । ଆପଣମାନଙ୍କ ଭୋଟ ବଳରେ ଆପଣମାନେ ଭାରତୀୟ ଲୋକସଭା ଓ ରାଜ୍ୟ ବିଧାନସଭା ପାଇଁ ସଭ୍ୟ ନିର୍ବାଚନ କରିବେ । ଲୋକସଭାର ସଦସ୍ୟମାନଙ୍କ ମଧ୍ୟରୁ ଆମର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀବୃନ୍ଦଙ୍କୁ ନିଯୁକ୍ତ କରିଥାନ୍ତି । ସେହିପରି ରାଜ୍ୟ ବିଧାନସଭାକୁ ଆପଣମାନେ ଯେଉଁ ସଭ୍ୟମାନଙ୍କୁ ନିର୍ବାଚିତ କରିବେ ଆପଣମାନଙ୍କ ରାଜ୍ୟର ରାଜ୍ୟପାଳ ସେମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିବେ । ଏଥିରୁ ଆପଣମାନେ ଭଲ ଭାବରେ ବୁଝି ପାରୁଥିବେ ଯେ, ଆପଣମାନେହିଁ ଏହି ବିଶାଳ ଓ ମହାନ ପ୍ରାଚୀନ ଭାରତ ଭୂମିର ଚରମ ଭାଗ୍ୟବିଧାତା । ତେଣୁ ଆପଣମାନଙ୍କର ଜଣେ ବିନୀତ ସେବକ ହିସାବରେ ମୁଁ ଆପଣମାନଙ୍କୁ ନିମ୍ନଲିଖିତ ନିବେଦନ କରୁଅଛି:—

(୧) ନିଜର ଭୋଟ ଦେବାକୁ କଦାପି ଭୁଲନ୍ତୁ ନାହିଁ;

(୨) କାହାକୁ ନ ଡରି ବା କାହାପ୍ରତି ଅନୁଗ୍ରହ ନ ଦେଖାଇ ଆପଣଙ୍କ ନିଜ ମନୋମତ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ;

(୩) କୌଣସି ପ୍ରକାର ଡରାଣ, ଜୋର-ଜବରଦସ୍ତି କିମ୍ବା ଧମକ ଚମକରେ ଭୟଭୀତ ହୁଅନ୍ତୁ ନାହିଁ;

(୪) ଯଦି କେହି ଆପଣଙ୍କୁ ଲାଞ୍ଚରିସବତ୍ ବା ଅନ୍ୟ କୌଣସି ବେଆଇନ ପାରିତୋଷିକ ଦେବାର ସାହସ କରନ୍ତି ତେବେ ସେଭଳି

ଲୋକ ଯେତେ ପ୍ରଭାବଶାଳୀ ହୋଇଥାନ୍ତୁ ପଛକେ ତାଙ୍କୁ ନିଜ ପାଖରୁ ଘଉଡ଼େଇ ଦେବା ପାଇଁ ସାହସ ବାନ୍ଧନ୍ତୁ । କାରଣ ସେଭଳି ଲୋକ ଗୋଟିଏ ନିଷ୍ଠାହୀନ ଲୋକ । ଅନ୍ନମଧ୍ୟ ଆପଣଙ୍କୁ ଲାଞ୍ଚ ବା ଅନ୍ୟ ବେଆଇନ ପାରିତୋଷିକ ଦେବାଦ୍ୱାରା ସେ ଆପଣଙ୍କୁ ଜଣେ ମନୁଷ୍ୟ ରୂପେ, ଭାରତର ଜଣେ ଆତ୍ମମର୍ଯ୍ୟାଦାସଂପନ୍ନ ବ୍ୟକ୍ତିରୂପେ ଗଣ୍ୟ ନ କରି ଆପଣଙ୍କୁ ଅପମାନିତ କରେ ;

(୫) ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ପାଇଁ ଯଦି କୌଣସି ଲୋକ କୌଣସି ଯାନବାହନ ଯାଚେ ତାହାହେଲେ ଆପଣ ସେ ଯାନ-ବାହନରେ ଭୋଟ ଗ୍ରହଣକେନ୍ଦ୍ରକୁ ଯାଆନ୍ତୁ ନାହିଁ । କାରଣ ଭୋଟ ଗ୍ରହଣ କେନ୍ଦ୍ର ଆପଣଙ୍କ ଘର ପାଖରୁ ପ୍ରାୟ ୨ କିଲୋମିଟର ଦୂର ମାତ୍ର । ଆମ ଭିତରୁ ପ୍ରତ୍ୟେକ ଲୋ[କ] ଅନାୟାସରେ ଏତିକ ବାଟ ପାଦରେ ଚାଲିଯାଇ ପାରିବେ ।

ଆପଣମାନଙ୍କର ଭୋଟ ବଳରେ ଯଦି ଆପଣମାନ[ଙ୍କ] ଉପଯୁକ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚିତ କରନ୍ତି ତା[ହା] ହେଲେ ଆମର ଜାତୀୟ ସଂସଦ (ପାର୍ଲିମେଣ୍ଟ) ଓ ଆପଣମାନଙ୍କ ରାଜ୍ୟ ବିଧାନସଭା ଦେଶର ସୁଯୋଗ୍ୟ ସନ୍ତାନମାନଙ୍କୁ ନେଇ ଗଠିତ ହୋଇପାରିବ ଏ[ବଂ] ଆମର ସରକାର ପ୍ରକୃତରେ ଉତ୍ତମ ସରକା[ର] ହୋଇପାରିବ ଯେ କି ଭାରତ ତଥା ରାଜ୍ୟବାସୀ ମାନଙ୍କର ସେବା ଓ କଲ୍ୟାଣ ଦିଗରେ ବ୍ରତୀ ହୋ[ଇ] ପାରିବ ।



ଭୋଟ ଦେବା ପାଇଁ ଆଦିବାସୀ ଭୋଟର୍‌ମାନଙ୍କ ଆଗ୍ରହ

# ଅତୀତର ନିର୍ବାଚନ : ଏକ ସମୀକ୍ଷା

ରତରେ ୧୯୫୧-୫୨ ମସିହାରେ ପ୍ରଥମଥର ସାବାଳକ ଭୋଟ ପ୍ରଥାରେ ସାଧାରଣ ନିର୍ବାଚନ ଯାଇଥିଲା ।

ହା ପୂର୍ବରୁ ଆମ ଦେଶରେ କେବଳ ଟିକସଦାତା, ଲୀ, ଉଚ୍ଚଶିକ୍ଷିତ ଓ ନିର୍ଦ୍ଦିଷ୍ଟ ସଂପ୍ରଦାୟର ମାନେ ଭୋଟ ଦେବାର ଅଧିକାର ପାଇଥିଲେ । ଫଳରେ ଭୋଟ ଦାନ ସୀମିତ ହେବା ସଙ୍ଗେ ଆମ ଦେଶରେ ଲୋକସଂଖ୍ୟାର ପ୍ରାୟ ଶତକଡ଼ା ଜଣ ଭୋଟ ଦେବାକୁ ଅଧିକାର ପାଉଥିଲେ । ସଂଖ୍ୟାଲଘୁ ବର୍ଗ ଓ ମୌଳିକ ଅଧିକାର ସମ୍ପର୍କିତ ଦେଷ୍ଟା କମିଟିଙ୍କ ପରାମର୍ଶ ଅନୁସାରେ, ପରେ ବୁ କଟକଣାକୁ ଉଠାଇ ଦିଆଯାଇଥିଲା । ତର ସମ୍ବିଧାନର ୩୨୬ ଅନୁଚ୍ଛେଦରେ ବ୍ୟବସ୍ଥା ଯାଇଥିଲା ଯେ ଲୋକସଭା ଓ ପ୍ରତି ରାଜ୍ୟର ନସଭାକୁ ସାବାଳକ ଭୋଟ ଅଧିକାର ଭିତ୍ତିରେ ଚନ କରାଯିବ ।

ଡ଼ିଶାରେ ସାବାଳକ ଭୋଟ ପ୍ରଥା ଅନୁଯାୟୀ ି ନିର୍ବାଚନ ହୋଇ ସାରିଛି । ୧୯୫୧-୫୨ ଓ ୧୯୫୭ ମସିହାରେ ସାଧାରଣ ନିର୍ବାଚନ କରା-ଯାଇଥିଲା । ତା'ପରେ ରାଜ୍ୟ ବିଧାନସଭା ପାଇଁ ୧୯୬୧ ମସିହାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇଥିଲା ଓ ୧୯୬୨ ମସିହାରେ ଲୋକସଭା ପାଇଁ ନିର୍ବାଚନ ହୋଇଥିଲା । ରାଜ୍ୟ ବିଧାନସଭାର କାର୍ଯ୍ୟ-କାଳ ୧୯୬୬ ମସିହା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ରହୁଥିବାରୁ, ସେଥିପାଇଁ ନିର୍ବାଚନ ୧୯୬୬ ମସିହାରେ ହୋଇଥାନ୍ତା ; କିନ୍ତୁ ଭାରତ ସରକାର ନିର୍ବାଚନ ସ୍ଥଗିତ ରଖିଦେଲେ ।

ଯେହେତୁ ରାଜ୍ୟ ବିଧାନସଭାର ସାଧାରଣ ନିର୍ବାଚନ ଓ ୧୯୬୭ ଫେବୃଆରୀ-ମାର୍ଚ୍ଚରେ ହୋଇ-ଥିବା ଦେଶବ୍ୟାପୀ ସାଧାରଣ ନିର୍ବାଚନ ମଧ୍ୟରେ ବ୍ୟବଧାନ ପ୍ରାୟ ୬ ମାସ ଥିଲା, ତେଣୁ ଭାରତ ସରକାର ତଥା ବିଭିନ୍ନ ରାଜନୈତିକ ଦଳମାନେ ଦୋହରା ଖର୍ଚ୍ଚାନ୍ତ ହେବା ନିମନ୍ତେ ପସନ୍ଦ କରୁନଥିଲେ । ଯଦି ରାଜ୍ୟ ବିଧାନସଭା ପାଇଁ ପୂର୍ବରୁ ନିର୍ବାଚନ କରାଯାଇ ଥାଆନ୍ତା, ତେବେ ସେମାନଙ୍କୁ ରାଜ୍ୟ ବିଧାନସଭା ସାଧାରଣ ନିର୍ବାଚନ ପାଇଁ ଓ

ତା'ପରେ ପାର୍ଲିଆମେଣ୍ଟ ସାଧାରଣ ନିର୍ବାଚନ ପାଇଁ ଖର୍ଚ୍ଚ କରିବାକୁ ପଡ଼ିଆନ୍ତା । ଏହା ବ୍ୟତୀତ ଏତେ ଅଳ୍ପ ବ୍ୟବଧାନ ମଧ୍ୟରେ ଦୁଇଟି ସାଧାରଣ ନିର୍ବାଚନ କରାଇବାରେ କେତେକ ଶାସନଗତ ଅସୁବିଧା ମଧ୍ୟ ରହିଥିଲା ।

ଏ ସବୁ ବିଷୟ ବିବେଚନାକରି ପାର୍ଲିଆମେଣ୍ଟରେ ୧୯୬୭ ମସିହା ଓଡ଼ିଶା ବିଧାନସଭା (କାର୍ଯ୍ୟକାଳ ବୃଦ୍ଧି) ଆଇନ୍ ପାସ୍ କରାଯାଇ ୧୯୬୭ ମସିହା ମାର୍ଚ୍ଚ ପନ୍ଦର ପର୍ଯ୍ୟନ୍ତ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ବଢ଼ାଇ ଦିଆଗଲା । ଯାହାଫଳରେ ଦେଶବ୍ୟାପୀ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶା ବିଧାନସଭା ନିର୍ବାଚନ ହୋଇ ପାରିଥିଲା ।

୧୯୫୧-୫୨ ସାଧାରଣ ନିର୍ବାଚନ ୩୭ ଦିନ ମଧ୍ୟରେ ଶେଷ ହୋଇଥିଲା । ୧୯୫୭ ସାଧାରଣ ନିର୍ବାଚନରେ ନିର୍ବାଚନ କାର୍ଯ୍ୟ ୧୪ ଦିନକୁ କମିଯାଇଥିଲା । ୧୯୬୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଭୋଟ ଗ୍ରହଣ କାର୍ଯ୍ୟ ୫ ଦିନ ମଧ୍ୟରେ ହୋଇଥିଲା । ୧୯୬୨ ମସିହା ସାଧାରଣ ନିର୍ବାଚନରେ ଭୋଟ ଗ୍ରହଣ କାର୍ଯ୍ୟ ୭ ଦିନ ମଧ୍ୟରେ ଶେଷ ହୋଇଥିଲା । ଯାହାହେଉ, ୧୯୬୭ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାରେ ଉଭୟ ରାଜ୍ୟ ବିଧାନସଭା ଓ ଲୋକସଭାର ନିର୍ବାଚନ ଗୋଟିଏ ଦିନ ଅର୍ଥାତ୍ ୧୯୬୭ ଫେବୃଆରୀ ୨୧ ତାରିଖରେ ସମ୍ପାଦିତ ହୋଇଥିଲା । ଏହା ଏକ ଉଲ୍ଲେଖଯୋଗ୍ୟ ଘଟଣା । ଏ ରାଜ୍ୟର ଇତିହାସରେ ପ୍ରଥମଥର ପାଇଁ ଉଭୟ ରାଜ୍ୟ ବିଧାନସଭା ଓ ଲୋକସଭାର ନି[...] ଏକ ସମୟରେ କରାଯାଇ ପାରିଥିଲା ।

ଦେଶର ପ୍ରଥମ ସାଧାରଣ ନିର୍ବାଚନ [...] ମସିହା ଅକ୍ଟୋବର ୨୫ ତାରିଖଠାରୁ [...] ହୋଇ ୧୯୫୨ ଫେବୃଆରୀ ୨୧ ତାରିଖ [...] ପ୍ରାୟ ୪ ମାସ ଧରି ଲାଗି ରହିଥିଲା । ପର[...] ନିର୍ବାଚନଗୁଡ଼ିକରେ ନିର୍ବାଚନ ସମୟକୁ କ୍ରମଶଃ [...] କରାଯାଇ, ସମଗ୍ର ଦେଶରେ ୧୯୬୭ ମସିହା ସାଧ[...] ନିର୍ବାଚନ ୭ ଦିନ ମଧ୍ୟରେ କରିବାକୁ [...] କରାଯାଇଥିଲା । ଏହିଭଳି ନିର୍ବାଚନ ସମୟକୁ [...] କରିବାର ଲକ୍ଷ୍ୟ ହେଉଛି ଯେ ସମଗ୍ର ଦେ[...] ଗୋଟିଏ ଦିନରେ ନିର୍ବାଚନ ସମ୍ପାଦନ କରାଇବା[...]

୧୯୬୭ ମସିହା ସାଧାରଣ ନିର୍ବାଚନ [...] ପଞ୍ଜାବ ଓ କେରଳ ଗୋଟିଏ ଦିନରେ ଭୋଟ [...] କରି ଖ୍ୟାତି ଅର୍ଜନ କରିଥିଲେ । ୧୯୬୭ ନିର୍ବା[...] ପଶ୍ଚିମ ବଙ୍ଗଳା, ହରିଆନା, ଜାମ୍ମୁ ଓ କାଶ୍ମୀର [...] ଓଡ଼ିଶା ଏ ଦିଗରେ ଅଗ୍ରସର ହୋଇ ଗୋଟିଏ ଦି[...] ନିର୍ବାଚନ କାର୍ଯ୍ୟ ଶେଷ କରିପାରିଥିଲେ ।

ଭାରତବର୍ଷରେ ୧୭ ଗୋଟି ରାଜ୍ୟ ଓ ୧୦ [...] କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଆଉ ଗୋଟିଏ ଅ[...] ଭିତ୍ତି କରି ଲୋକସଭା ଓ ରାଜ୍ୟ ବିଧାନସଭା[...] ପାଇଁ ଆସନ ନିର୍ଦ୍ଦିଷ୍ଟ କରାଯାଇଛି । ୧୯୬୭ [...] ନିର୍ବାଚନରେ ଗୋଟିଏ ଦିନ ମଧ୍ୟରେ ୭ଟି ରାଜ୍ୟ [...] ୮ ଗୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟ [...] କାର୍ଯ୍ୟ ଶେଷ ହୋଇଥିଲା ।

# ଭୋଟ ଦାନର ଗୋପନୀୟତା ରକ୍ଷା

## ନିର୍ବାଚନ କମିଶନଙ୍କ ପଦକ୍ଷେପ

ଭାରତର ନିର୍ବାଚନ କମିଶନର ଜନସାଧାରଣଙ୍କୁ ବିଶେଷ କରି ଆସନ୍ତା ନିର୍ବାଚନର ଭୋଟଦାତାମାନଙ୍କୁ ଜଣାଇ ଦେବାକୁ ଚାହାନ୍ତି ଯେ ଭୋଟଦାତା ଦେଉଥିବା ଭୋଟ ସମ୍ପୂର୍ଣ୍ଣରୂପେ ଗୋପନୀୟ ଏବଂ ସେ କାହାକୁ ଭୋଟ ଦେଇଛନ୍ତି ତାହା ଅନ୍ୟ କୌଣସି ଲୋକ ଜାଣିବା ସମ୍ଭବ ନୁହେଁ । ଭୋଟର ଲିଷ୍ଟର ତାଲିକାରେ ନିର୍ବାଚକମାନଙ୍କ ନାମ ପାର୍ଶ୍ୱରେ ଭୋଟ କାଗଜର (ବାଲଟପେପର) କ୍ରମିକ ନମ୍ବର ଉଲ୍ଲେଖ କରାଯାଇଥିବା ଯୋଗୁଁ ଭୋଟ ଦାନର ଗୋପନୀୟତା ଲଂଘନ କରାଯିବ ବୋଲି କାହାରି ମନରେ ଆଦୌ ଆଶଙ୍କା ଉପୁଜିବା ଉଚିତ ନୁହେଁ । ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା କରିବାପାଇଁ କମିଶନ ସମସ୍ତ ସମ୍ଭାବ୍ୟ ସତର୍କତା ଅବଲମ୍ବନ କରୁଛନ୍ତି । ପ୍ରଥମତଃ ପୋଲିଂ ଅଫିସରଙ୍କ ସଂଶ୍ଳିଷ୍ଟ କୌଣସି ପ୍ରାର୍ଥୀ କିମ୍ବା ତାଙ୍କର ଏଜେଣ୍ଟ ଅଥବା ଅନ୍ୟ କୌଣସି ବ୍ୟକ୍ତି ଭୋଟଦାତାଙ୍କୁ ଦିଆଯାଉଥିବା ଭୋଟ କାଗଜର କ୍ରମିକ ସଂଖ୍ୟା ଟିପି ରଖିବା କିମ୍ବା ଏ ବାବଦରେ ଅନ୍ୟ କୌଣସି ଲେଖା ରଖିବା ପାଇଁ ଅନୁମତି ଦିଆଯାଉନାହିଁ । ଏ ସମ୍ପର୍କରେ କମିଶନ ଅନ୍ୟ ଏକ ସତର୍କତା ଅବଲମ୍ବନ କରିଛନ୍ତି । ତାହାହେଲା, ଭୋଟଦାତାଙ୍କୁ ଭୋଟ କାଗଜ ଦିଆଯିବା ପୂର୍ବରୁ ସେଗୁଡ଼ିକୁ ତଳ ଉପରି ଲେଉଟ ପାଲଟ କରି ଦିଆଯିବ ଯେପରି କି ଜଣେ ଭୋଟ ଦାତାଙ୍କୁ କେଉଁ କ୍ରମିକ ନମ୍ବରର ଭୋଟ କାଗଜ ଦିଆଯାଇଛି ତାହା କୌଣସି ବ୍ୟକ୍ତି ଅନୁମାନ କରିବାର, ସମ୍ଭାବନା ପୂରାପୂରି ଦୂରୀଭୂତ ହୋଇପାରିବ । ଏକ ନିର୍ଦ୍ଦିଷ୍ଟ ଭୋଟ ଗ୍ରହଣ କେନ୍ଦ୍ରରେ ସମୁଦାୟ କେତେ ଭୋଟ କାଗଜ ବ୍ୟବହୃତ ହୋଇଛି, ପୋଲିଂ ଏଜେଣ୍ଟଙ୍କ ଅବଗତି ନିମନ୍ତେ ଅଧ୍ୟକ୍ଷତା କରୁଥିବା ଅଫିସର ଭୋଟଦାତାମାନଙ୍କୁ ଦିଆଯାଇଥିବା ଭୋଟ କାଗଜର ପ୍ରଥମ ଓ ଶେଷ କ୍ରମିକ ନମ୍ବର ଜଣାଇ ଦେବେ । ଫଳରେ ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହେବା ପରେ ବେଆଇନ ଭାବରେ କୌଣସି ଭୋଟ କାଗଜ ଭର୍ତ୍ତି କରିବାର ସମ୍ଭାବନା ରହିବ ନାହିଁ ।

ଦ୍ୱିତୀୟତଃ ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହେବା ପରେ ବ୍ୟବହୃତ ଭୋଟର ତାଲିକାର ଚିହ୍ନିତ ନକଲ ସେଥିମଧ୍ୟରେ କ୍ରମିକ ସଂଖ୍ୟା ଉଲ୍ଲେଖ କରାଯାଇଥାଏ ତାହାକୁ ଜବତମୁଦ କରି ତା ଉପରେ ଅଧ୍ୟକ୍ଷତା କରୁଥିବା ଅଫିସରଙ୍କ ସିଲ୍ ଦିଆଯିବ ଏବଂ ପ୍ରାର୍ଥୀ କିମ୍ବା ତାଙ୍କର ଏଜେଣ୍ଟ ଇଚ୍ଛାକଲେ ସେମାନଙ୍କ ସିଲ୍ ମଧ୍ୟ ଦିଆଯିବ । ଏହାପରେ ନିର୍ବାଚନ କମିଶନ କିମ୍ବା କ୍ଷମତାପନ୍ନ ଅଦାଲତ ଅଥବା ଟ୍ରିବ୍ୟୁନାଲ୍‌ଙ୍କ ଆଦେଶ ବ୍ୟତୀତ ଏହାକୁ ଖୋଲାଯାଇ ପାରିବ ନାହିଁ ।

ଆଜି ମଧ୍ୟ ଆସନ୍ନ ଲୋକସଭା ନିର୍ବାଚନ ଓ ଓଡ଼ିଶା, ତାମିଲନାଡ଼ୁ ଓ ପଶ୍ଚିମବଙ୍ଗରେ ହେଉଥିବା ବିଧାନସଭା ନିର୍ବାଚନରେ କମିସନ ପ୍ରଥମ ଥର ପାଇଁ ଭୋଟ ଗଣତି ନିମନ୍ତେ ଏକ ନୂତନ ପଦ୍ଧତି ପ୍ରବର୍ତ୍ତନ କରିଛନ୍ତି । ଏହି ନୂତନ ପଦ୍ଧତି ଅନୁଯାୟୀ ପୂର୍ବଭଳି ଭୋଟ ଗ୍ରହଣ କେନ୍ଦ୍ର ଓ୍ୱାରି ଭୋଟକାଗଜଗୁଡ଼ିକ ଗଣତି କରାଯିବ ନାହିଁ । ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକର ଭୋଟକାଗଜଗୁଡ଼ିକୁ ପ୍ରଥମେ ଏକତ୍ର ମିଶାଇ ତା' ପରେ ଗଣତି କରାଯିବ । ଏକତ୍ରିତ ହୋଇଥିବା ଏତେ ବେଶି ସଂଖ୍ୟାର ଭୋଟ କାଗଜ-ଗୁଡ଼ିକ ମଧ୍ୟରୁ ଗୋଟିଏ ଭୋଟ କାଗଜ ବାଛି ଜଣେ ଭୋଟଦାତା କାହାକୁ ଭୋଟ ଦେଇଛନ୍ତି, ତାହା ମନେ ପକାଇ ଜାଣିବା ଅସମ୍ଭବ ଅଟେ । ଆଜି ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନ ବା ଅଞ୍ଚଳର ଭୋଟ ସମ୍ପର୍କରେ ଆଭାସ ପାଇବାର ସମ୍ଭାବନା ଦୂର ହୋଇଥାଏ । ସମାଜର ଦୁର୍ବଳ ଗୋଷ୍ଠୀର ଲୋକଙ୍କ ମନରୁ ଭୟ ଦୂର କରିବା ଉଦ୍ଦେଶ୍ୟରେ ଏହି ପଦ୍ଧତି ପ୍ରଚଳନ କରାଯାଇଛି, କାରଣ ଅତୀତରେ କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକାରେ ଭୋଟ ଦେଇଥିବା ଅଥବା ନ ଦେଇଥିବା ଯୋଗୁଁ କେତେକ କ୍ଷେତ୍ରରେ ସ୍ଥା- ପ୍ରଭାବଶାଳୀ ଗୋଷ୍ଠୀର ଲୋକ ସେମାନଙ୍କୁ ଦେଖାଇବା, ଜୋରଜୁଲମ କରିବା ଓ ପ୍ରଭାବିତ କରିବାର ଆଶଙ୍କା ରହିଥିଲା ।

ଭୋଟ ଗଣତି ଶେଷ ହେବା ପରେ କମିଶନଙ୍କ ସୂତ୍ର ମୋହର ଓ ପ୍ରାର୍ଥୀମାନଙ୍କର ସେମାନଙ୍କ ଏଜେଣ୍ଟଙ୍କର ମୋହର ଦେଇ କାଗଜଗୁଡ଼ିକ ଜବତମୁଦ କରି ରଖାଯାଏ ତା' ପରେ ସେ ଗୁଡ଼ିକ ଖୋଲାଯାଇ ପାରେନାହିଁ

ଏହା ବ୍ୟତୀତ ଭୋଟ କାଗଜଗୁଡ଼ିକର ସଂଖ୍ୟା ଯଥାସମ୍ଭବ ଭୋଟ କାଗଜର ପଛ- ଉଲ୍ଲେଖ କରାଯିବ ଯଦ୍ଦ୍ୱାରା କି ଭୋଟ ଗଣତି ଗଣତି କରୁଥିବା କର୍ମଚାରୀ କିମ୍ବା ପ୍ରାର୍ଥୀ ସେମାନଙ୍କ ଏଜେଣ୍ଟମାନଙ୍କୁ ଏହି କ୍ରମିକ ଦେଖାଯିବ ନାହିଁ ।

ଏ ସବୁ ବ୍ୟତୀତ ୧୯୫୧ ଲୋକ ପ୍ର- ଆଇନର ୧୨୮ ଧାରାର ବ୍ୟବସ୍ଥା ଅନୁଯାୟୀ ଗ୍ରହଣ କିମ୍ବା ଭୋଟ ଗଣତି କାର୍ଯ୍ୟରେ ପ୍ରତ୍ୟେକ ଅଫିସର, କିରାନି, ଏଜେଣ୍ଟ ଅଥବା ଯେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଗୋପନୀୟତା କରିବା ଓ ସେ ଦିଗରେ ସାହାଯ୍ୟ କରିବା ଅ- କର୍ତ୍ତବ୍ୟ । ଏହି ବ୍ୟବସ୍ଥା ଲଙ୍ଘନ କରିବା ଦଣ୍ଡନୀୟ ଅପରାଧ ଏବଂ ଏଥି ନିମନ୍ତେ ତିନି- ପର୍ଯ୍ୟନ୍ତ ଜେଲ୍ କିମ୍ବା ଜୋରିମାନା ଅଥବା ଉ- ଦଣ୍ଡ ଦିଆଯାଇ ପାରିବ ।

ଭୋଟଦାତା ତାଙ୍କ ଭୋଟ କାହା ସପକ୍ଷ- ଦେଇଛନ୍ତି ତାହା ଏହିପରି ଭାବେ ସମ୍ପୂର୍ଣ୍ଣ ଗୋପ- ରହେ ଏବଂ କୌଣସି ସ୍ଥଳେ ଏହି ଗୋପନୀୟ- ଲଙ୍ଘନ କରାଯାଇ ନ ପାରେ ।

ଆର୍ତ୍ତତ୍ରାଣ ରାଉତ

# ଭୋଟ ଦେବା ଆପଣଙ୍କର ଅଧିକାର

ସାରା ପୃଥିବୀକୁ ଏହି ଶତକର ସର୍ବଶ୍ରେଷ୍ଠ ଅବଦାନ ଭାରତର ଅହିଂସା ଆନ୍ଦୋଳନ ଏବଂ ଏହି ଆନ୍ଦୋଳନଦ୍ୱାରା ସ୍ୱାଧୀନତା ପ୍ରାପ୍ତି । ଯୁଦ୍ଧ କ୍ଷେତ୍ରରେ କିମ୍ବା କୌଣସି ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁସବୁ ଆନ୍ଦୋଳନ ହୋଇ ଯାଇଅଛି ସେଥିରେ ଅହିଂସାର ସ୍ଥାନ ଅବିରଳ । ଅହିଂସାଦ୍ୱାରା ଏହିଭଳି ଆନ୍ଦୋଳନ ସଫଳ ହୁଏ ବୋଲି କେହି ବିଶ୍ୱାସ କରୁ ନ ଥିଲେ । କିନ୍ତୁ ସମଗ୍ର ମଣିଷ ଜାତିର ପୂଜ୍ୟ ମହାତ୍ମାଗାନ୍ଧୀ ତଥା ଅନ୍ୟାନ୍ୟ ବହୁ ନେତୃବୃନ୍ଦ ଆମ ଦେଶର ଅଗଣିତ ନରନାରୀଙ୍କ ବିପୁଳ ସହଯୋଗ ନେଇ ଅହିଂସା ଆନ୍ଦୋଳନଦ୍ୱାରା ଏ ଦେଶକୁ ବିଦେଶୀ ଶାସନ କବଳରୁ ମୁକ୍ତ କରି ପାରିଲେ । ଏହି ଅହିଂସା ଆନ୍ଦୋଳନର ଗୌରବମୟ କାହାଣୀ ସମସ୍ତଙ୍କୁ ଏବେ ମଧ୍ୟ ଉଦ୍‌ବୁଦ୍ଧ କରି ରଖିଛି । ଏ ଦେଶର ଆତ୍ମା ଅହିଂସା ମାର୍ଗର ମୁକ୍ତି ସଂଗ୍ରାମରେ ତେଜୋଦୀପ୍ତ ହୋଇ ରହିବ—ଏଥିରେ ସନ୍ଦେହ ନାହିଁ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନତା ଲାଭକଲା । ସ୍ୱାଧୀନତା ପାଇବାର ଅବ୍ୟବହିତ ପୂର୍ବରୁ ବ୍ରିଟିଶ ସରକାର ଯେ କି ନିରଙ୍କୁଶ ଭାବରେ ଏ ଦେଶକୁ ଶାସନ କରୁଥିଲେ ଏ ଦେଶରେ ରାଜନୈତିକ ଦୁରଭିସନ୍ଧି ହେତୁ ଅନେକ-ଗୁଡ଼ିଏ ସମସ୍ୟା ସୃଷ୍ଟି କରିଗଲେ । ଯେଉଁ ଦେଶର ଜନସାଧାରଣ ସତ୍ୟ, ଶାନ୍ତି, ଦୟା, ଧର୍ମ, ନ୍ୟାୟ ଓ ସର୍ବୋପରି ଅହିଂସା ଉପରେ ବିଶ୍ୱାସ କରନ୍ତି ସେହି ଦେଶର ଜନସାଧାରଣ କୌଣସି ଅବସ୍ଥାକୁ ଧୈର୍ଯ୍ୟର ସହିତ ଯେ ମୁକାବିଲା କରି ପାରନ୍ତି ତାହା ଚିନ୍ତା କରିବାର କଥା । ଧୀର ସ୍ଥିର ଚିତ୍ତରେ ଭାରତ ପରି ଏକ ବିରାଟ ଦେଶର ଗୁରୁ ଦାୟିତ୍ୱ ବହନ କରିବାପାଇଁ ଏ ଦେଶର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ମିଳିତ ଶକ୍ତିକୁ ବିନିଯୋଗ କରିବା ସକାଶେ ପ୍ରତିଜ୍ଞାବଦ୍ଧ ହୋଇ ପାରିଲେ ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ ବୋଲି କହିବାକୁ ହେବ । ଏହି କ୍ରମରେ ୧୯୫୦ ମସିହା ଜାନୁୟାରି ମାସ ୨୬ ତାରିଖରେ ଭାରତ ସାମ୍ବିଧାନିକ ପଦ୍ଧତି ଅଥବା ମତବାଦ ଉପରେ ଆସ୍ଥା ରଖି ଏକ ସାଧାରଣତନ୍ତ୍ର ରାଷ୍ଟ୍ର ଭାବରେ ଜନ୍ମ ଗ୍ରହଣ କଲା ।

ଜନମତ ଉପରେ ଗଣତନ୍ତ୍ରର ଭିତ୍ତି ପ୍ରତିଷ୍ଠିତ ହୋଇଛି । ତାହାର ନିଅଁରେ ଏ ଦେଶର ଶାସନର ଧାରା ଗଣତାନ୍ତ୍ରିକ ପନ୍ଥାରେ ସ୍ଥିର କରି ପ୍ରତ୍ୟେକ ଲୋକର ବ୍ୟକ୍ତିଗତ ଅଧିକାର ଓ ଦାୟିତ୍ୱକୁ ସମ୍ମାନର ସହିତ ଶ୍ରେଷ୍ଠ ସ୍ଥାନ ଦିଆ ଯାଇଛି । ବହୁ ବାଧାବିଘ୍ନ ଦେଖା ଦେଇଥିଲେହେଁ ଏହାର ବ୍ୟତିକ୍ରମ ଏ ପର୍ଯ୍ୟନ୍ତ ଘଟି ନ ଥିବାରୁ ସମସ୍ତ ପୃଥିବୀରେ ଭାରତବର୍ଷ ଆଜି ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ମୁଣ୍ଡ ଟେକିଛି ।

ଗଣତାନ୍ତ୍ରିକ ଶାସନର ସଫଳତାପାଇଁ ନିର୍ବାଚନର ସୃଷ୍ଟି । ନିଜର ଅଧିକାରଦ୍ୱାରା ନିର୍ବାଚନରେ ଅଂଶ ଗ୍ରହଣପୂର୍ବକ ଶାସନ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ଭାଗ ନେଇ ପାରନ୍ତି । ତେଣୁ ନିର୍ବାଚନରେ ନିଜର ଦାୟିତ୍ୱ ତଥା ଅଧିକାରକୁ ସାବ୍ୟସ୍ତ କଲାବେଳେ ଦେଶର ବୃହତ୍ତର ସ୍ୱାର୍ଥ ପ୍ରତି ସଚେତନ ହୋଇ ନିଜର ମୌଳିକ ଚିନ୍ତାଧାରା ତଥା ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ସଂଶୋଧିତ ଭାବରେ ପ୍ରୟୋଗ କରିବା ଏକାନ୍ତ ଆବଶ୍ୟକ ।

ସମ୍ବିଧାନର ୩୨୬ ଧାରା ଅନୁସାରେ ୨୧ ବର୍ଷରୁ ଊର୍ଦ୍ଧ୍ୱ, ଜାତି ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ସ୍ତ୍ରୀ, ପୁରୁଷ ଭୋଟ ଅଧିକାର ପାଇଛନ୍ତି । ଏହି ଭୋଟ ଅଧିକାର ହେଉଛି ସମ୍ବିଧାନଦ୍ୱାରା ସ୍ୱୀକୃତ ହୋଇଥିବା ଅନେକ ମୌଳିକ ଅଧିକାରରୁ ଅନ୍ୟତମ । ବଡ଼ଠାରୁ ସାନ ପର୍ଯ୍ୟନ୍ତ ଧନରେ ଅଥବା ମାନରେ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଭୋଟର ମୂଲ୍ୟ ସମାନ । ଯେଉଁମାନେ ଏ ଦେଶର ସ୍ଥାୟୀ ନାଗରିକ ନୁହନ୍ତି, ଯେଉଁମାନଙ୍କର ମସ୍ତିଷ୍କ ବିକୃତ ଘଟିଛି ଓ ଯେଉଁମାନେ କୌଣସି ହତ୍ୟା ବା ଦୁର୍ନୀତି-ମଳକ ଅପରାଧ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ସେହିମାନେହିଁ କେବଳ ଭୋଟ ଦେଇ ପାରିବେ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ କରାଯାଇଛି । ଏହାର ତାତ୍ପର୍ଯ୍ୟ ହେଉଛି ଯେ ଏମାନଙ୍କର ବିଚାର

ଶକ୍ତି ସାଧାରଣ ଭାବରେ ଦୋଷଯୁକ୍ତ ହୋଇଥିବ
ଏମାନଙ୍କ ଭୋଟ ଦାନର କୌଣସି ମୂଲ୍ୟ ନ
ବୋଲି ସ୍ୱୀକୃତ ହୋଇଛି । ଏହା ମଧ୍ୟ ଉ
କରାଯାଇଛି ଯେ କୌଣସି ଭୋଟର ନିଜ
ଅନୁସାରେ ଭୋଟ ଦେଇ ପାରେ କମ୍ବା ନ ଦେ
ପାରେ । ବାଧ୍ୟବାଧକତା ନାହିଁ ବୋଲି ସ୍ୱ
ଯାଇଛି । ପ୍ରତ୍ୟେକ ନାଗରିକ ତା'ର ମୌ
ଅଧିକାର ନେଇ ନିଜର ଭୋଟ ଦେବାର ବ୍ୟବସ୍ଥା
ଏକ ସାର୍ବଭୌମ ଶକ୍ତି ନିହିତ କରାଯାଇଥିବ
ସମ୍ବିଧାନ ଅନୁମୋଦିତ ଏକ ନିର୍ବାଚନ କମିଶନ
ଏହାର ପରିଚାଳନା ନିର୍ଦ୍ଧାରିତ ହେଉଅଛି ।
କମିଶନ ନିର୍ବାଚନ ସଂକ୍ରାନ୍ତ ସମସ୍ତ ବିଷୟ ବୁଝିବା
ଏକ ଶକ୍ତିଶାଳୀ ସ୍ୱାଧୀନ ସଂସ୍ଥା ଭାବରେ କ୍ଷମତାପ୍ର
ହୋଇଛନ୍ତି ଏବଂ ଏହାର ପରିସର ମଧ୍ୟରେ
ନିର୍ବାଚନ ବେଳର ସମସ୍ୟାମାନ ତ୍ୱରିତ ଓ ଅ
ସଙ୍ଗତ ଭାବରେ ସମାଧାନ କରିବାପାଇଁ ତଦ୍‌ଦ୍ୱାର
ନିର୍ବାଚନର ପରିଚାଳନାବେଳେ ସରକାର ଓ ଜ
ସାଧାରଣଙ୍କ ଚିନ୍ତା ଓ କର୍ମର ସମନ୍ୱୟରେ ଯେ
ଶାନ୍ତି ଓ ସଦ୍‌ଭାବର ପରିଚୟ ମିଳିଛି ଏବଂ ବହୁ
ଧର୍ମ ତଥା ବିଭିନ୍ନ ମତାବଲମ୍ବୀ ଲୋକଙ୍କୁ ଯେ
ଯେଉଁ ପରିସ୍ପର ମତବାଦର ଆଭାସ ମିଳିଛି ସେଥି
ଏ ଦେଶର ଗଣତାନ୍ତ୍ରିକ ଶାସନର ପରମ୍ପରା
ଉଠିଛି ବୋଲି ସମସ୍ତେ ସ୍ୱୀକାର କରନ୍ତି ।
ନୈତିକ କ୍ଷେତ୍ରରେ ବିଭିନ୍ନ ଦଳମାନଙ୍କର କାର୍ଯ୍ୟକ୍ରମ
ବୈଷମ୍ୟ ରହିଥିଲେହେଁ ସାଧାରଣ କର୍ମ ଓ ଶା
କ୍ଷେତ୍ରରେ ସାମାଜିକ ଏବଂ ଅର୍ଥନୈତିକ ସ୍ତି
ସର୍ବୋତ୍ତମ ବିକାଶ ଘଟାଇବାପାଇଁ ଜନମତ ଗ
ଉଠୁଛି ।

ଆସନ୍ତା ମାର୍ଚ୍ଚ ମାସ ୫ ତାରିଖ ଦିନ ଭାରତ
୫ମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ସ୍ଥି
ହୋଇଛି । ଭାରତର ଜନସାଧାରଣ ଲୋକସଭାପା
ସେମାନଙ୍କର ନିଜ ମତକୁ ଭୋଟ ଜରିଆରେ ପ୍ରକା

କରି ସେମାନଙ୍କର ପ୍ରତିନିଧି ବାଛିବେ । ଅନେକ ରାଜ୍ୟ ସମେତ ଓଡ଼ିଶାରେ ମଧ୍ୟ ବିଧାନସଭାପାଇଁ ଏକ ସମୟରେ ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି ।

ପ୍ରଥମ ନିର୍ବାଚନ ୧୯୫୨ ମସିହାରେ, ୨ୟ ନିର୍ବାଚନ ୧୯୫୭ ମସିହାରେ, ୩ୟ ନିର୍ବାଚନ ୧୯୬୨ ମସିହାରେ ଓ ୪ର୍ଥ ନିର୍ବାଚନ ୧୯୬୭ ମସିହାରେ ଅନୁଷ୍ଠିତ ହୋଇଥିଲା । ୫ମ ନିର୍ବାଚନ ସେକ୍ଷେତ୍ରେ ଯଥାସମ୍ଭବ ଆଗାମୀ ୧୯୭୨ ମସିହାରେ ଅନୁଷ୍ଠିତ ହେବାକୁ ଥିଲେ ମଧ୍ୟ ପ୍ରୟୋଜନ ଦୃଷ୍ଟିରୁ ଲୋକମତ ପ୍ରତି ସମ୍ମାନ ରଖି ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖ ଦିନ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାକୁ ଯାଉଅଛି । ଭାରତବର୍ଷରେ ପ୍ରଥମ ନିର୍ବାଚନ ସମୟରେ ୧୭୩ ନିୟୁତ ଭୋଟର୍ ଭୋଟ ଦେଇଥିଲାବେଳେ ୨ୟ ନିର୍ବାଚନରେ ୧୯୩ ନିୟୁତ ଓ ୩ୟ ନିର୍ବାଚନରେ ୨୧୭ ନିୟୁତ ଲୋକ ଭୋଟ ଦେଇଥିଲେ । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ୧ମ ନିର୍ବାଚନ-ଠାରୁ ୩ୟ ନିର୍ବାଚନ ପର୍ଯ୍ୟନ୍ତ କ୍ରମଶଃ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି ଏବଂ ଏହିପରି ଯେତେ ଯେତେ ନିର୍ବାଚନ ଆସିବ, ସେତିକି ସେତିକି ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇବ । ଏଥିରୁ ନିଶ୍ଚୟ ସ୍ୱୀକାର କରିବାକୁ ହେବ ଯେ ଭୋଟ ଦାନ ଅଧିକାର ବଳରେ ଯେଉଁ କ୍ଷମତା ପ୍ରୟୋଗ କରି ନିଜ ମତବାଦକୁ ପ୍ରତିଷ୍ଠା କରିବାକୁ ତଥା ସେଥି ପ୍ରତି ପ୍ରତ୍ୟେକ ନାଗରିକ ଦୃଢ଼ ଭାବରେ ସଚେତନ ହୋଇ ପାରିଛି ଏବଂ ନାଗରିକ ହିସାବରେ ନିଜର ଦାୟିତ୍ୱବୋଧକୁ ଉପଯୁକ୍ତ ଭାବରେ ପରିପାଳନ କରିବାକୁ ସକ୍ଷମ ହୋଇ ପାରିଛି । ୪ର୍ଥ ନିର୍ବାଚନ ସମୟରେ ଓଡ଼ିଶାରେ ମୋଟ ଭୋଟରଙ୍କ ସଂଖ୍ୟା ଥିଲା ୪୮ ଲକ୍ଷ ୭୩ ହଜାର । ଏଥି ମଧ୍ୟରୁ ଭୋଟ ଦେଇଥିଲେ ମାତ୍ର ୨୩ ଲକ୍ଷ ୪୯ ହଜାର ଏବଂ ଦେଲେ ନାହିଁ ଦେଇଥିବା ଲୋକଙ୍କଠାରୁ ବେଶି—ଅର୍ଥାତ୍ ୨୫ ଲକ୍ଷ ୨୪ ହଜାର । ପ୍ରଦତ୍ତ ଦେଇଥିବା ଭୋଟ ମଧ୍ୟରୁ ୩ ଲକ୍ଷ ୭୯ ହଜାର ଭୋଟ ଗ୍ରହଣଯୋଗ୍ୟ ହୋଇନାହିଁ ବା ନାକଚ ହୋଇଥିଲା । ଏଥିରୁ ଅନୁମାନ କରାଯାଇ-ପାରେ ଯେ ନିର୍ବାଚନ ଜରିଆରେ ସଂବିଧାନ ଯେଉଁ ଅଧିକାର ବା ମତବାଦ ପ୍ରତିଷ୍ଠା କରିବାକୁ ସୁଯୋଗ ଦେଇଛି ଏବଂ ଦେଶର ବୃହତ୍ତମ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସକାଶେ ଯେଉଁ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିଛି ତାହାକୁ ସୁବ୍ୟବସ୍ଥିତରୂପେ ସଂପାଦନ କରିବାପାଇଁ ଦୁଇତ ୨୫ ଲକ୍ଷ ୨୪ ହଜାର ଭୋଟର ଗତ ନିର୍ବାଚନରେ ଉପଲବ୍ଧି କଲେ ନାହିଁ କିମ୍ବା କୌଣସି ଅପରିହାର୍ଯ୍ୟ କାରଣ ଯୋଗୁଁ ଏହାର ସୁଯୋଗ ନେଇ ପାରିଲେ ନାହିଁ । ଗଣତନ୍ତ୍ରର ଚିନ୍ତାଧାରାରେ ନିଜ-ମତବାଦର ମୂଲ୍ୟାୟନ କରିବାର ଆବଶ୍ୟକତା ଉପଲବ୍ଧି କରି ପାରିଲେ କିମ୍ବା ନିଜର ଦାୟିତ୍ୱ ବୋଧକୁ ହୃଦୟଙ୍ଗମ କରି ପାରିଲେ କୌଣସି ଭୋଟର ଭୋଟ ଦାନ ସୁବିଧାରୁ ନିଜକୁ ବଞ୍ଚିତ କରିବ ନାହିଁ ବୋଲି ବିଶ୍ୱାସ କରିବା ବାଂଛନୀୟ । ଭୋଟଦାନ ସମୟରେ ସାମାନ୍ୟ ଅସାବଧାନତା ବା ଅମନୋଯୋଗିତା ଯୋଗୁଁ ଅନେକ ସମୟରେ ଅନେକ ଭୋଟ ନାକଚ ହୋଇ ଯାଏ । ୪ର୍ଥ ନିର୍ବାଚନ ବେଳେ ୩ ଲକ୍ଷ ୭୯ ହଜାର ଭୋଟ ନାକଚ ହୋଇ ଯାଇଥିଲା । ଏହାର ମୂଲ୍ୟ ଆଦୌ ରହିଲା ନାହିଁ । ଏ କ୍ଷେତ୍ରରେ ନିଜର ମୌଳିକ ଅଧିକାରକୁ ନେଇ ଯେଉଁ ମତବ୍ୟକ୍ତ କରିବାକୁ ସୁଯୋଗ ଦିଆଯାଇଥିଲା ତାହା ଗ୍ରହଣଯୋଗ୍ୟ ହେଲା ନାହିଁ । ତେଣୁ ଧୀରସ୍ଥିର ଭାବରେ ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ପ୍ରତ୍ୟେକ ନାଗରିକ ଦାୟିତ୍ୱ ଓ ଅଧିକାରକୁ ନିର୍ଭୁଲ ଭାବରେ ପ୍ରୟୋଗ କରି ଭୋଟ ଦେବା ଏକାନ୍ତ ଆବଶ୍ୟକ ବୋଲି ମନେହୁଏ ।

ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ-ମାନଙ୍କ ସପକ୍ଷରେ ନିଜ ନିଜର ମତବାଦ ତଥା

କାର୍ଯ୍ୟକ୍ରମକୁ ଭୋଟରମାନଙ୍କ ନିକଟରେ ଉପସ୍ଥାପିତ କରିବାର ଅଧିକାର ପାଇଛନ୍ତି । ସେ ସମୟରେ ପ୍ରତ୍ୟେକ ଭୋଟର ସମସ୍ତଙ୍କର ମତବାଦ ତଥା କାର୍ଯ୍ୟକ୍ରମକୁ ଶୁଣି, ବୁଦ୍ଧି ଓ ସ୍ୱିବେଚନାରେ ବିବେଚନା-ନୁମୋଦିତ ବିଷୟର ସ୍ୱାତନ୍ତ୍ର୍ୟ ନେଇ, ନିର୍ଭୟରେ ନିଜର ପ୍ରାର୍ଥୀ ମନୋନୀତ କରିବା ଆବଶ୍ୟକ ବୋଲି ମନେହୁଏ । ସେହିମାନଙ୍କୁ ଲୋକପ୍ରତିନିଧି ଭାବରେ ବାଛୁଥିବ ସେମାନେ କୌଣସି ସାଂବିଧାନିକ ସମସ୍ୟା ନ ଉପୁଜିଲେ ୫ ବର୍ଷପାଇଁ ପ୍ରତିନିଧି ଭାବରେ କାର୍ଯ୍ୟ କରିବା ପାଇଁ ହକ୍‌ଦାର ଏବଂ ଆପଣମାନଙ୍କ ପରି ଭୋଟରମାନେ ସେହି ଭୋଟ ଦେଇଛନ୍ତି ତାହାମଧ୍ୟ ୫ ବର୍ଷ ପାଇଁ ଦେଇଛନ୍ତି ବୋଲି ଧରିନେବାକୁ ହେବ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଭୋଟର ନିଜ ନିଜ ଭୋଟର ମୂଲ୍ୟ ନିରୂପଣ କରି ଦାୟିତ୍ୱପୂର୍ଣ୍ଣ ଭାବରେ ପ୍ରାର୍ଥୀଙ୍କର ଯୋଗ୍ୟତା ତଥା ତାଙ୍କର କାର୍ଯ୍ୟକ୍ରମରେ ·ଆପଣଙ୍କର ବା ସମସ୍ତ ଦେଶର ସ୍ୱାର୍ଥରେ କିପରି ସହାୟକ ହୋଇପାରିବ, ଏହି ବିଷୟରେ ଚିନ୍ତାକରି ଭୋଟ ଦେବା ବେଳେ ନିଜର ମୌଳିକ ଅଧିକାରକୁ ଉଚିତ ଭାବରେ ସାବ୍ୟସ୍ତ କରିବେ ବୋଲି ଆଶା କରାଯାଉଛି ।

ଆମ ଦେଶରେ ଲୋକସଭା କିମ୍ବା ବିଧାନ ସଭା ସକାଶେ ପ୍ରାର୍ଥୀ ନିର୍ବାଚନ କରିବାକୁ କେବଳ ସୀମାବଦ୍ଧ ହୋଇ ରହିନାହିଁ । ଏହା ଆମ ଦେଶର ସର୍ବନିମ୍ନ ଶାସନ ସଂସ୍ଥାକୁ ସଂବିଧାନିକ ପନ୍ଥାରେ ବ୍ୟାପି ଯାଇଛି । ୱାର୍ଡ ମେମ୍ବର, ନାଏବ ସରପଞ୍ଚ, ସରପଞ୍ଚ, ପଞ୍ଚାୟତ ସମିତି ଚେୟାରମ୍ୟାନ ପ୍ରଭୃତିଙ୍କୁ ଭୋଟ ଜରିଆରେ ନିର୍ବାଚିତ କରିବାକୁ ହୁଏ । ତେଣୁ ପ୍ରାର୍ଥୀ ମନୋନୀତ କରି ସୁଯୋଗକ୍ରମେ ଭୋଟ ଦେ ବେଳେ ଉପଯୁକ୍ତ ଚରିତ୍ରବାନ ଓ କର୍ମପ୍ରିୟ ବ୍ୟକ୍ତିତ୍ୱପୂର୍ଣ୍ଣ ବ୍ୟକ୍ତିକୁ ଠିକ୍ କରିବା ଏକାନ୍ତ ସ ପ୍ରତ୍ୟେକଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କରିବାକୁ ହେବ ।

ଚଳିତ ବର୍ଷର ମାର୍ଚ୍ଚ ୫ ତାରିଖ ବେଳକୁ ଓଡ଼ିଶା ପ୍ରଦେଶରେ ୧ କୋଟି ୮ ଲକ୍ଷ ୫୬୬ ଭୋଟ ଭୋଟ ଦେବେ । ସମଗ୍ର ରାଜ୍ୟରେ ଏଥିପାଇଁ ୧୭, ଗୋଟି ଭୋଟ କେନ୍ଦ୍ର ଖୋଲିବ ବୋଲି ସ୍ଥି କରାଯାଇଛି । ପ୍ରତ୍ୟେକ ଭୋଟରକୁ ଭୋଟ ଦେବାପ ତଥା ସମସ୍ତ ସୁବିଧା ସୁଯୋଗ ଦେବାପାଇଁ ବ୍ୟ କରାଯାଇଛି । ଏପରି କି ଭୋଟ ଦେବାକୁ ଯି ବେଳେ କେହି ଯେପରି ୨ କିଲୋମିଟର ରା ଅଧିକ ନ ଯିବ ତାର ମଧ୍ୟ ବ୍ୟବସ୍ଥା କରାଯାଇଛି ଏହିପରି ନ୍ୟାୟପୂର୍ଣ୍ଣ ପନ୍ଥାରେ ଭୋଟଦେଇ ନି ଅଧିକାର ଓ କର୍ତ୍ତବ୍ୟକୁ ପ୍ରତିଷ୍ଠିତ କରିବା ସଂସ୍ଥାକୁ ନିର୍ବାଚନ କରିବା ସୁଯୋଗ ଦିଆଯାଇ ଏହି ଅଧିକାର ତଥା କର୍ତ୍ତବ୍ୟର ମୂଳ ଦାୟିତ୍ୱ ସୁପରିକଳ୍ପିତ ସଂପାଦନ କରି ସଂବିଧାନରେ ଉଲ୍ଲିଖିତ ହୋଇଥିବା ପ୍ରତ୍ୟେକ ନାଗରିକ ପାଇଁ ନ୍ୟାୟ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ମହା ପରମ୍ପରାକୁ ବଜାୟ ରଖିବାକୁ ହେବ ଓ ଦେଶ ଗଣତନ୍ତ୍ରକୁ ଚିରନ୍ତନ ସକାଶେ ଉଜ୍ଜୀବିତ କରି ରଖିବା ହେବ ବୋଲି ସମସ୍ତେ ଦୃଢ଼ ପ୍ରତିଜ୍ଞା କରି ଆବଶ୍ୟକ ।

ଜୟବ୍ରତ

( ଆକାଶବାଣୀ, କଟକଙ୍କ ସୌଜନ୍ୟରୁ

ଦେବେନ୍ଦ୍ରନାଥ ପଟ୍ଟନାୟକ

# ଆସନ୍ତା ନିର୍ବାଚନରେ ତରୁଣ ଭୋଟରଙ୍କ ଭୂମିକା

ଆଜି ପ୍ରାୟ କେତେଦିନ ପରେ ପୃଥିବୀର ସର୍ବ-ବୃହତ୍ ସାଧାରଣତନ୍ତ୍ର ଭାରତର ଭୋଟରମାନଙ୍କୁ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟକାରୀ ଲୋକସଭା ଓ ବିଭିନ୍ନ ରାଜ୍ୟ ବିଧାନ ସଭା ପାଇଁ ପ୍ରତିନିଧି ବାଛିବାକୁ ପଡ଼ିବ। ଏ ନିର୍ବାଚନର ଫଳାଫଳ କ'ଣ ହେବ, ତାହା ଆଜି ସବୁଠି ଆଲୋଚନାର ବିଷୟବସ୍ତୁ ହୋଇଛି। ଅଳ୍ପ କେଇଟି ରାଜ୍ୟକୁ ଛାଡ଼ି ଦେଲେ, ଏଥର ସମଗ୍ର ଦେଶରେ ଏଇ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ହେଉନାହିଁ। ତେଣୁ ଭୋଟ ଦେଲାବେଳକୁ ଯେଉଁସବୁ ବିଷୟ ଭୋଟର-ମାନଙ୍କ ବିଚାର ପରିସର ଭିତରକୁ ଆସିବ, ତା' ଭିତରେ ଆଞ୍ଚଳିକ ପ୍ରଶ୍ନଗୁଡ଼ିକ ଅପେକ୍ଷା ଜାତୀୟ ସମସ୍ୟାଗୁଡ଼ିକ ଅଧିକତର ସ୍ପଷ୍ଟ ହୋଇଉଠିବା ସ୍ୱାଭାବିକ। ଏହାଛଡ଼ା ଗତ ସାଧାରଣ ନିର୍ବାଚନ ଓ ଆଗାମୀ ମଧ୍ୟବର୍ତ୍ତୀକାଳୀନ ଲୋକସଭା ନିର୍ବାଚନ ଭିତରେ ଦେଶର ରାଜନୈତିକ ଜୀବନରେ କଂଗ୍ରେସ ବିଭାଜନ, ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ଏବଂ ରକ୍ଷଣଶୀଳ ଓ ପ୍ରଗତିବାଦୀ ଭେଦରେ ବିଭିନ୍ନ ଦଳ ମଧ୍ୟରେ ବୁଝାମଣା ପ୍ରଚେଷ୍ଟା ଆଦି ଯେଉଁସବୁ କଳ୍ପନାତୀତ ଘଟଣା ନାଟକୀୟ ଭାବରେ ଘଟିଗଲାଣି, ତା'ର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଏଇ ନିର୍ବାଚନରେ ନିଶ୍ଚୟ ପ୍ରତିଫଳିତ ହେବ ; କିନ୍ତୁ ନିର୍ବାଚନର ଫଳାଫଳ ସବୁଠାରୁ ବେଶି ଭାଗ ପ୍ରଭାବିତ ହେବ, ଦେଶର ବଢ଼ନ୍ତା ତରୁଣ ଓ ଯୁବ ଭୋଟରମାନଙ୍କ ସିଦ୍ଧାନ୍ତ ଦ୍ୱାରା। ଏହି ନିର୍ବାଚନରେ ଅଂଶ ଗ୍ରହଣ କରିବେ ପ୍ରାୟ ୨୮ କୋଟି ଭୋଟର। ସେମାନଙ୍କ ମଧ୍ୟରେ ୩୦ ବର୍ଷରୁ କମ୍ ବୟସର ତରୁଣ ବା ଯୁବ ଭୋଟର ରହିବେ ପ୍ରାୟ ୯ କୋଟି ୭୦ ଲକ୍ଷ—ଅର୍ଥାତ୍ ଶତକଡ଼ା ୩୪ ଭାଗ। ଏଇ ତରୁଣ ଭୋଟରମାନଙ୍କ ମଧ୍ୟରୁ ପ୍ରାୟ ୫ କୋଟି ୪୦ ଲକ୍ଷଙ୍କ ବୟସ ହୋଇଥିବ ୨୫ ବର୍ଷରୁ କମ୍ ଏବଂ ସେମାନେ ପ୍ରଥମ-ଥର ପାଇଁ ଭୋଟ ଦେବେ। ଅବଶିଷ୍ଟ ୪ କୋଟି ୨୦ ଲକ୍ଷ ଯୁବ-ଭୋଟରଙ୍କ ବୟସ ୨୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ହୋଇଥିବ ଏବଂ ସେମାନେ ୧୯୬୭ ନିର୍ବାଚନରେ ପ୍ରଥମ ଭୋଟ ଦେବାର ସୁଯୋଗ ପାଇଥିବାରୁ ଏଥର ଦ୍ୱିତୀୟ ଥର ପାଇଁ ଭୋଟ ଦେବେ।

ଏଇଠି ଏକ ପ୍ରଶ୍ନ ଉଠୁଛି, ୧୯୭୧ର ଏଇ ମଧ୍ୟବର୍ତ୍ତୀ-କାଳୀନ ଲୋକସଭା ନିର୍ବାଚନରେ ମୋଟ ୨୮ କୋଟି ଭୋଟରଙ୍କ ମଧ୍ୟରୁ ଏଇ ନଅକୋଟି ୭୦ ଲକ୍ଷ ତରୁଣ ଭୋଟରଙ୍କ ସିଦ୍ଧାନ୍ତ କାହିଁକି ଏଡ଼େ ଗୁରୁତ୍ୱପୂର୍ଣ୍ଣ

ଭୂମିକା ଗ୍ରହଣ କରିବ ? ଏହାର ପ୍ରଧାନ କାରଣ ହେଲା, ଏହି ତରୁଣ ଭୋଟରମାନେ ଅପେକ୍ଷାକୃତ ଭାବରେ ଶିକ୍ଷାଲୋକପ୍ରାପ୍ତ ଏବଂ ରାଜନୈତିକ ଦୃଷ୍ଟିରୁ ଅଧିକ ସଚେତନ । ଭୋଟଦାନର ଗୁରୁତ୍ୱ ସେମାନେ ବୁଝନ୍ତି ବେଶି, ତେଣୁ ବେଶି ସଂଖ୍ୟାରେ ସେମାନେ ଭୋଟ ଦେବାକୁ ବାହାରି ଆସିବେ । ଗତ ସତାବନ, ବା'ଷଠି ଓ ସତଷଠି ଲୋକସଭା ନିର୍ବାଚନରେ ମୋଟ ଭୋଟଦାତାଙ୍କ ମଧ୍ୟରୁ ଯଥାକ୍ରମେ ଅଠଚାଳିଶି, ଷାଠିଏ ଓ ଏକଷଠି ଶତାଂଶ ଭୋଟର ଭୋଟ ଦେଇଥିଲେ । ପରିସ୍ଥିତିର ଏହି ଚିତ୍ରରୁ ଯାହା ଅନୁମାନ କରାଯାଉଛି ଏଥର ବୋଧହୁଏ ଦୁଇ ତୃତୀୟାଂଶ ଭୋଟର ଭୋଟ ଦେବେ ଏବଂ ଯେଉଁ ଏକ-ତୃତୀୟାଂଶ ବା ନଅକୋଟି ଭୋଟର ଭୋଟ ନ ଦେବେ ସେମାନଙ୍କ ମଧ୍ୟରେ ତରୁଣ ଭୋଟର କେବେହେଲେ ବେଶି ସଂଖ୍ୟାରେ ନ ଥିବେ । କାରଣ ପ୍ରଥମ ବା ଦ୍ୱିତୀୟ ଥର ପାଇଁ ଭୋଟ ଦେବାକୁ ସୁଯୋଗ ପାଉଥିବା ତରୁଣ ଭୋଟରମାନେ ନିଶ୍ଚୟ ନିଜର ଭୋଟଟି ଦେବାପାଇଁ ଅଧିକ ଉତ୍ସାହ ପ୍ରଦର୍ଶନ କରିବେ । ଏ ଅବସ୍ଥାରେ ଆଗାମୀ ମଧ୍ୟବର୍ତ୍ତୀକାଳୀନ ଲୋକସଭା ନିର୍ବାଚନରେ ଭୋଟ ଦେବାପାଇଁ ଏହି ତରୁଣ ଭୋଟରମାନେ ଯେ ଖାଲି ଅଧିକ ସଂଖ୍ୟାରେ ଆସିବେ ତାହା ନୁହେଁ, ଭୋଟ ଦେଲାବେଳେ ସେମାନେ ଅଧିକ ବିଚାର ବୁଦ୍ଧି ଖଟାଇବେ ବୋଲି ଆଶା କରାଯାଉଛି ।

ବିଦେଶୀ ଶାସନ ଶୃଙ୍ଖଳାରୁ ଦେଶମାତୃକାର ମୁକ୍ତି ପାଇଁ ଯେଉଁ ପ୍ରାଣଘାତୀ ସଂଗ୍ରାମ ଚାଲିଥିଲା ସେ ସମ୍ପର୍କରେ ଏହି ନଅକୋଟି ୭୦ ଲକ୍ଷ ତରୁଣ ଭୋଟରଙ୍କର କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନାହିଁ । ତେଣୁ ସ୍ୱାଧୀନତା ଲାଭ ପୂର୍ବରୁ ଯେଉଁ ସବୁ ରାଜନୈତିକ ନେତା ଆଜି ବି ରାଜନୀତି କ୍ଷେତ୍ରରୁ ବିଦାୟ ନ ନେଇଛନ୍ତି, ସେମାନେ ୧୯୪୭ ପୂର୍ବରୁ ବା ତା'ର ଠିକ୍ ପରେ ପରେ କ'ଣ ସବୁ କରିଥିଲେ, ତା[...] କୌଣସିହେଲେ ଏହି ତରୁଣଭୋଟରଙ୍କର ବିଚାର ପରି[...] ଭିତରକୁ ଆସିବ ନାହିଁ । ଏହି ନେତୃବର୍ଗଙ୍କର ନି[...] ଅତୀତର କାର୍ଯ୍ୟକଳାପକୁ ହିଁ ସେମାନେ ବିଚାର କ[...] ଦେଖିବେ । ଯେଉଁ ସବୁ ଅର୍ଥନୈତିକ ଓ ସାମାଜି[କ] ସମସ୍ୟା ଆଜି ଆମ ଆଗରେ ଦେଖା ଦେଇଛି ସେ[...] ସବୁର ଆଶୁ ପ୍ରତିକାର କରି ଭାରତବାସୀଙ୍କ ଅବସ୍ଥା[ର] ଉନ୍ନତି ସାଧନ କଲେ ଯେଉଁ ଦଳ ବୈପ୍ଲବିକ କାର୍ଯ୍ୟ-କ୍ରମର ରୂପାୟନ ବାଟରେ ପ୍ରକୃତରେ ସମର୍ଥ, କେବ[ଳ] ସେହି ଦଳ ପ୍ରତି ସେମାନେ ଆକୃଷ୍ଟ ହେବେ । ବିଭି[ନ୍ନ] ଦଳର ଧ୍ୱଜ ଓ ବଡ଼ ବଡ଼ ପ୍ରତିଶ୍ରୁତି ବା ଅସା[ର] କାହାଣୀ ଶୁଣି ସେମାନେ ଭୁଲିଯିବାର ଯୁଗ ଆ[ଉ] ନାହିଁ । ପ୍ରତ୍ୟେକ ଦଳ ଓ ଦଳର ପ୍ରାର୍ଥୀମାନେ ପା[...] ପାର୍ଲାମେଣ୍ଟ ଭିତରେ ଓ ବାହାରେ ଯେଉଁ ମତ ଓ ଆଦର୍ଶ ଅନୁସରଣ କରନ୍ତି, ତାହା ହିଁ ହେ[ବ] ଦେଶର କଲ୍ୟାଣକାମୀ ଏହି ତରୁଣ ଭୋଟରମାନଙ୍କ ହାତରେ ବିଭିନ୍ନ ଦଳର ସାମର୍ଥ୍ୟ ତୁଳିବା ପାଇଁ ପ୍ରଧାନ ବିଚାର ଅସ୍ତ୍ର । ବେକାରି, ନିରକ୍ଷରତା, ଦାରିଦ୍ର୍ୟ, ବିଶୃଙ୍ଖଳା, ଇତ୍ୟାଦି ଆଜିର କେତୋଟି ବଡ଼ ସମସ୍ୟାର କଷାଘାତରେ ଦେଶର ତରୁଣବର୍ଗ ଜର୍ଜରିତ ହୋଇ ଉଠିଲେଣି । ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ ଯେଉଁ ଦଳର ମତ ଓ କାର୍ଯ୍ୟକ୍ରମ ଯେତେ ବାସ୍ତବାତ୍ମକ, ସେ ଦଳ ସେମାନଙ୍କୁ ସେତେ ବେଶି ଆକର୍ଷଣ କରିବ । ଅଧିକ ଶିକ୍ଷିତ ଓ ସଚେତନ ହୋଇଥିବା ଯୋଗୁଁ ଏହି ତରୁଣ ଭୋଟରମାନେ ନିଜ ନିଜର ବନ୍ଧୁ ଆତ୍ମୀୟ ସ୍ୱଜନ-ମାନଙ୍କୁ ମଧ୍ୟ ପ୍ରଭାବିତ କରି ପାରିବେ । ଏହିସବୁ କଥାକୁ ଏକାଠି ବିଚାର କଲେ ପରିଷ୍କାର ଦେଖା-ଯାଉଛି ଯେ ଆଗାମୀ ଲୋକସଭା ନିର୍ବାଚନରେ ଏହି ତରୁଣ ଭୋଟରମାନଙ୍କ ଭୂମିକା ହିଁ ହେବ ସର୍ବ ପ୍ରଧାନ ନିୟାମକ ।

( ଆକାଶବାଣୀ, କଟକର ସୌଜନ୍ୟରୁ )

# ଭୋଟଦାନ ପଦ୍ଧତି

ପ୍ରଥମ ଟେବୁଲ ନିକଟରେ ବସିଥିବା ପୋଲିଂ ଅଫିସରମାନେ ଭୋଟର ତାଲିକାରୁ ଆପଣଙ୍କ ନାମ ଦେଖିବାପରେ ଆପଣଙ୍କ ବାଆଁ ହାତର ତର୍ଜନୀ ଅଙ୍ଗୁଠି (ବଣି ଅଙ୍ଗୁଠି)ରେ ଅଲିଭା କାଳି ଦାଗ ଦେବେ ଏବଂ ଆପଣଙ୍କୁ ଦୁଇଟି ଭୋଟ କାଗଜ ଦିଆଯିବ । ସେଥିମଧ୍ୟରୁ ଫିକାନୀଳ ରଙ୍ଗର ଭୋଟ କାଗଜଟି ରାଜ୍ୟ ବିଧାନସଭା ଓ ଧଳାରଙ୍ଗର ଭୋଟ କାଗଜଟି ଲୋକସଭା ନିର୍ବାଚନପାଇଁ ଉଦ୍ଦିଷ୍ଟ ।

ପ୍ରତ୍ୟେକ ଭୋଟ କାଗଜରେ ଆପଣ ପ୍ରାର୍ଥୀମାନଙ୍କର ନାମ ଓ ସେମାନଙ୍କ ନାମ ପାର୍ଶ୍ୱରେ ନିର୍ବାଚନ ସଙ୍କେତ ଦେଖିବାକୁ ପାଇବେ । ଏହି ନିର୍ଦ୍ଦେଶାବଳୀର ଅପର ପାର୍ଶ୍ୱରେ ଦୁଇଟି ଭୋଟ କାଗଜର ନମୂନା ଦିଆଯାଇଛି ; କିନ୍ତୁ ନିର୍ବାଚନ ସଂକେତ ଛପା ଯାଇନାହିଁ । ଭୋଟକେନ୍ଦ୍ରରେ ପୋଲିଂ ଅଫିସର ଆପଣଙ୍କୁ ଯେଉଁ ଭୋଟ କାଗଜ ଦେବେ, ସେଥିରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ନାମ ପାର୍ଶ୍ୱରେ ତାଙ୍କ ନିର୍ବାଚନ ସଂକେତ ଛପାଥିବ ।

ଭୋଟ କାଗଜ ଦୁଇଟି ନେଇ ଆପଣ ପରବର୍ତ୍ତୀ ଟେବୁଲ ନିକଟକୁ ଯାଆନ୍ତୁ । ଜଣେ ପୋଲିଂ ଅଫିସର ଆପଣଙ୍କ ନିକଟରୁ ଭୋଟ କାଗଜ ଦୁଇଟି ନେଇ ଯିବେ ଓ ବିଧାନସଭା ନିର୍ବାଚନପାଇଁ ଉଦ୍ଦିଷ୍ଟ ଫିକାନୀଳ ରଙ୍ଗର ଭୋଟ କାଗଜ ଏବଂ କାଳିଲଗା ରବର ଷ୍ଟାମ୍ପଟି ଆପଣଙ୍କୁ ଦେବେ । ରବର ଷ୍ଟାମ୍ପଦ୍ୱାରା ଆପଣ ଚିହ୍ନ ଦେବେ ।

ଭୋଟ କାଗଜ ଓ ରବର ଷ୍ଟାମ୍ପଟି ନେଇ ଆପଣ ଭୋଟଗ୍ରହଣ କେନ୍ଦ୍ର ର ପ୍ରଥମ କୋଠରୀକୁ ଯାଆନ୍ତୁ ।

କେବଳ ଜଣେ ମାତ୍ର ବ୍ୟକ୍ତି ନିର୍ବାଚିତ ହେବେ । ତେଣୁ କେବଳ ଜଣେ ମାତ୍ର ପ୍ରାର୍ଥୀଙ୍କ ସକାଶେ ଆପଣ ଭୋଟ କାଗଜରେ ଚିହ୍ନ ଦେବେ ।

ଫିକାନୀଳ ରଙ୍ଗର ଭୋଟ କାଗଜଟିକୁ ଟେବୁଲ ଉପରେ ରଖି ଆପଣ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଇଚ୍ଛା କରନ୍ତି ତାଙ୍କ ସଂକେତ ଉପରେ ରବର ଷ୍ଟାମ୍ପ ଦ୍ୱାରା ସ୍ପଷ୍ଟଭାବରେ ଚିହ୍ନ ଦିଅନ୍ତୁ ।

ମନେରଖନ୍ତୁ ଯେ ଆପଣ ବର୍ତ୍ତମାନ ରାଜ୍ୟ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଉଛନ୍ତି ।

ଗୋଟିକରୁ ଅଧିକ ସଂକେତ ଉପରେ ଚିହ୍ନ ଦିଅନ୍ତୁ ନାହିଁ । ଭୋଟ କାଗଜର ପଛପଟେ ଚିହ୍ନ ଦିଅନ୍ତୁ ନାହିଁ । ଅନ୍ୟ କୌଣସି ପ୍ରକାର ଚିହ୍ନ ବା ବୁଢ଼ାଆଙ୍ଗୁଠି ଟିପ ଚିହ୍ନ ଦିଅନ୍ତୁ ନାହିଁ । ଭୋଟ କାଗଜ ଉପରେ ଆପଣଙ୍କ ନାମ ଦସ୍ତଖତ କରନ୍ତୁ ନାହିଁ କିମ୍ବା କୌଣସି ଶବ୍ଦ ଲେଖନ୍ତୁ ନାହିଁ । ଏହିଭଳି କିଛି କାର୍ଯ୍ୟ କଲେ ଆପଣଙ୍କ ଭୋଟ ଗଣତି ହେବ ନାହିଁ ।

ଭୋଟ କାଗଜରେ ରବର ଷ୍ଟାମ୍ପ ଦ୍ୱାରା ଚିହ୍ନ ଦେଇ ସାରିବା ପରେ ଭୋଟ କାଗଜଟି ପୂର୍ବରୁ ଯେପରି ଭଙ୍ଗା ଯାଇଥିଲା ତାକୁ ସେହିଭଳି ଭାଙ୍ଗି ପ୍ରକୋଷ୍ଠରୁ ବାହାରି ଆସନ୍ତୁ ।

ଭଙ୍ଗାଯାଇଥିବା ଭୋଟ କାଗଜଟିକୁ ଟେବୁଲ ଉପରେ ଥିବା ଭୋଟ ବାକ୍ସ ଭିତରେ ଗଳାଇ ଦିଅନ୍ତୁ ଏବଂ ସେଠାରେ ବସିଥିବା ପୋଲିଂ ଅଫିସରଙ୍କୁ ରବର ଷ୍ଟାମ୍ପଟି ଫେରାଇ ଦିଅନ୍ତୁ । ସେ ବର୍ତ୍ତମାନ ଆପଣଙ୍କୁ ଲୋକସଭା ନିର୍ବାଚନପାଇଁ ଧଳା ରଙ୍ଗର ଭୋଟ କାଗଜ ଓ କାଳି ଲଗା ରବର ଷ୍ଟାମ୍ପ ଦେବେ ।

ଭୋଟ କେନ୍ଦ୍ରର ଦ୍ୱିତୀୟ କୋଠରୀକୁ ଯାଆନ୍ତୁ ଓ ରବର ଷ୍ଟାମ୍ପ ସାହାଯ୍ୟରେ ଧଳା ଭୋଟ କାଗଜରେ ଥିବା ଆପଣଙ୍କ ମନୋନୀତ ପ୍ରାର୍ଥୀଙ୍କ ସଂକେତ ଉପରେ ଚିହ୍ନ ଦିଅନ୍ତୁ ଓ ଭୋଟ କାଗଜଟିକୁ ଭାଙ୍ଗି ଦିଅନ୍ତୁ । ମନେ ରଖନ୍ତୁ ଯେ ଆପଣ ବର୍ତ୍ତମାନ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେଉଛନ୍ତି । ଉପରଲିଖିତ ଯେଉଁ ସବୁ କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି ସେଗୁଡ଼ିକ ମଧ୍ୟ ମନେ ରଖନ୍ତୁ ।

ଭୋଟ କାଗଜ ଖଣ୍ଡ ପୂର୍ବପରି ଭାଙ୍ଗି ସେହି ପ୍ରକୋଷ୍ଠ ମଧ୍ୟରୁ ବାହାରକୁ ଆସି ସେହି ଭୋଟ ବାକ୍ସ ଭିତରେ ତାହା ଗଳାଇ ଦିଅନ୍ତୁ ଏବଂ ସେଠାରେ ଥିବା ପୋଲିଂ ଅଫିସରଙ୍କୁ ରବର ଷ୍ଟାମ୍ପଟି ଫେରାଇ ଦିଅନ୍ତୁ ।

ଆପଣଙ୍କର କୌଣସି ସନ୍ଦେହ ବା ଅସୁବିଧା ଥିଲେ ପ୍ରିଜାଇଡିଂ ଅଫିସରଙ୍କୁ ପଚାରିବାପାଇଁ କୁଣ୍ଠାବୋଧ କରନ୍ତୁ ନାହିଁ । ଆପଣଙ୍କୁ ସାହାଯ୍ୟ କରିବାପାଇଁ ସେ ସେଠାରେ ଅଛନ୍ତି ।



ଗୋଟିଏ ଭୋଟ ବାକ୍ସ



ଜଣେ ମହିଳା ଭୋଟରଙ୍କ ବିଶି ଆଙ୍ଗୁଠିରେ ଅଲିଭା କାଳି ଦାଗ ଦିଆଯାଉଛି ।

# ଭୋଟରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ଜନରାଜ୍ୟ। ଏହାର ଜନସଂଖ୍ୟା ପ୍ରାୟ ୫୫ କୋଟି। ଆମ ଦେଶରେ ୧୯୫୨, ୧୯୫୭, ୧୯୬୨ ଓ ୧୯୬୭ ରେ ଚାରୋଟି ସାଧାରଣ ନିର୍ବାଚନ ହୋଇ-ସାରିଛି। ୧୯୭୧ ମାର୍ଚ୍ଚ ମାସରେ ଆମ ଦେଶର ପଞ୍ଚମ ସାଧାରଣ ନିର୍ବାଚନ ହେବାକୁ ଯାଉଛି।

୧୯୫୨ ମସିହାର ସାଧାରଣ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ଥିଲା ୧୭ କୋଟି ୩୦ ଲକ୍ଷ ଏବଂ ତାହା ବୃଦ୍ଧି ପାଇ ୧୯୫୭ ମସିହା ଦ୍ୱିତୀୟ ସାଧାରଣ ନିର୍ବାଚନ ବେଳକୁ ୧୯ କୋଟି ୩୦ ଲକ୍ଷ, ୧୯୬୨ ତୃତୀୟ ସାଧାରଣ ନିର୍ବାଚନ ବେଳକୁ ୨୧ କୋଟି ଓ ୧୯୬୭ ଚତୁର୍ଥ ସାଧାରଣ ନିର୍ବାଚନ ବେଳକୁ ୨୫ କୋଟି ୧୦ ଲକ୍ଷ ହୋଇଥିଲା। ୧୯୭୧ ମାର୍ଚ୍ଚରେ ଅନୁଷ୍ଠିତ ହେଉଥିବା ପଞ୍ଚମ ସାଧାରଣ ନିର୍ବାଚନ ବେଳକୁ ସେମାନଙ୍କ ସଂଖ୍ୟା ପ୍ରାୟ ୨୭ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇବ ବୋଲି ହିସାବ କରାଯାଇଛି। ଭାରତର ୧୮ଟି ରାଜ୍ୟ ଓ ୯ଟି କେନ୍ଦ୍ର-ଶାସିତ ଅଞ୍ଚଳର ନିର୍ବାଚନ ମଣ୍ଡଳୀମାନଙ୍କରୁ ଲୋକ ସଭା ପାଇଁ ନିର୍ବାଚନ ହେବ। ତାମିଲନାଡ଼ୁ, ଓଡ଼ିଶା ଓ ପଶ୍ଚିମବଙ୍ଗ କେବଳ ଏହି ତିନୋଟି ରାଜ୍ୟର ବିଧାନ ସଭାମାନଙ୍କ ପାଇଁ ପ୍ରତିନିଧି ନିର୍ବାଚିତ ହେବେ।

ଆଗାମୀ ଲୋକସଭା ପାଇଁ ୫୨୧ଟି ଆସନ ଧାର୍ଯ୍ୟ ହୋଇଛି। ଲୋକସଭା ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସକାଶେ ନିର୍ଦ୍ଦିଷ୍ଟ ହୋଇଥିବା ଆସନ ସଂଖ୍ୟା ନିମ୍ନରେ ଦିଆଗଲା:—

(୧) ଉତ୍ତର ପ୍ରଦେଶ ୮୫; (୨) ବିହାର ୫୩; (୩) ମହାରାଷ୍ଟ୍ର ୪୫; (୪) ଆନ୍ଧ୍ର ପ୍ରଦେଶ ୪୧; (୫) ପଶ୍ଚିମ ବଙ୍ଗ ୪୦; (୬) ତାମିଲ ନାଡୁ ୩୯; (୭) ମଧ୍ୟ ପ୍ରଦେଶ ୩୭; (୮) ମହୀଶୂର ୨୭; (୯) ଗୁଜରାଟ ୨୪; (୧୦) ରାଜସ୍ଥାନ ୨୩; (୧୧) ଓଡ଼ିଶା ୨୦; (୧୨) କେରଳ ୧୯; (୧୩) ଆସାମ ୧୪; (୧୪) ପଞ୍ଜାବ ୧୩; (୧୫) ହରିଆନା ୯; (୧୬) କାଶ୍ମୀର ୬; (୧୭) ହିମାଚଳ ପ୍ରଦେଶ ୪; (୧୮) ନାଗାଲାଣ୍ଡ ୧। କେନ୍ଦ୍ର ଶାସିତ ଅଞ୍ଚଳ:—(୧) ଦିଲ୍ଲୀ ୭; (୨) ଗୋଆ ୨; (୩) ତ୍ରିପୁରା ୨; (୪) ମଣିପୁର ୨; (୫) ଚଣ୍ଡିଗଡ଼ ୧; (୬) ପଣ୍ଡିଚେରୀ ୧; (୭) ଆଣ୍ଡାମାନ ୧;

(୮) ଲକ୍ଷାଦ୍ୱୀପ ୧; (୯) ଦାଦ୍ରା ୧ । ଏହା ବ୍ୟତୀତ ନେଫା ଅଞ୍ଚଳ ପାଇଁ ଜଣେ ପ୍ରତିନିଧି ଏବଂ ଆଙ୍ଗ୍ଲୋ-ଇଣ୍ଡିଆନ୍ ସମ୍ପ୍ରଦାୟ ପାଇଁ ଦୁଇଜଣ ପ୍ରତିନିଧିଙ୍କୁ ଲୋକସଭାକୁ ମନୋନୀତ କରାଯିବ ।

## ବିଧାନ ସଭା

୧୯୭୧ ମାର୍ଚ୍ଚରେ ତାମିଲନାଡୁ, ପଶ୍ଚିମ ବଙ୍ଗ ଓ ଓଡ଼ିଶା ଏହି ତିନୋଟି ରାଜ୍ୟରେ ଯଥାକ୍ରମେ ୨୩୪, ୨୮୦ ଓ ୧୪୦ ଟି ବିଧାନ ସଭା ଆସନ ପାଇଁ ଲୋକସଭା ସହିତ ଏକ ସମୟରେ ନିର୍ବାଚନ ହେବ । ୧୯୬୭ ମସିହା ସାଧାରଣ ନିର୍ବାଚନରେ ତାମିଲନାଡୁର ମୋଟ ୨୦,୫୮୫,୩୦୫ ଜଣ ଭୋଟରଙ୍କ ମଧ୍ୟରୁ ଶତକଡ଼ା ୭୩.୭ ଭାଗ ଓ ପଶ୍ଚିମ ବଙ୍ଗରେ ୧୯୬୯ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ମୋଟ ୨୦,୬୮୫,୩୧୦ ଜଣଙ୍କ ମଧ୍ୟରୁ ଶତକଡ଼ା ୬୬.୫୧ ଭାଗ ଭୋଟ ଦେଇଥିଲେ । ସେହିପରି ଓଡ଼ିଶାରେ ୧୯୭୧ ମସିହା ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନରେ ମୋଟ ଭୋଟରଙ୍କ ମଧ୍ୟରୁ ଶତକଡ଼ା ୩୬.୭୧ ଜଣ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ବେଳେ ୧୯୬୭ ସାଧାରଣ ନିର୍ବାଚନରେ ମୋଟ ଭୋଟରମାନଙ୍କ ମଧ୍ୟରୁ ଶତକଡ଼ା ୪୪.୦୫ ଜଣ ଭୋଟ ଦେଇଥିଲେ । ୧୯୬୭ରେ ଭୋଟରମାନଙ୍କ ମୋଟ ସଂଖ୍ୟା ଥିଲା ୯୮,୭୩,୦୫୭ । ଏ ଦୃଷ୍ଟିରୁ ବିଚାର କଲେ ୧୯୭୧ ନିର୍ବାଚନ ତୁଳନାରେ ୧୯୬୭ ନିର୍ବାଚନ ମୋଟାମୋଟି ସନ୍ତୋଷଜନକ ଓ ଉତ୍ସାହଜନକ ହୋଇଥିଲା । ୧୯୭୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ଓଡ଼ିଶାର ଭୋଟରମାନଙ୍କ ସଂଖ୍ୟା ୧,୦୮,୮୪,୧୪୭ କୁ ବୃଦ୍ଧି ପାଇଛି ।

## ଗଣତନ୍ତ୍ର ଓ ନିର୍ବାଚନ

ଭାରତ ପୃଥିବୀର ଏକ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର । ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନରେ ସମାନ ଅଧିକାର ଓ ସମାନ ସୁଯୋଗ ଦିଆଯାଇଛି । ଜନସାଧାରଣଙ୍କ ଇଚ୍ଛାନୁଯାୟୀ ସରକାର ନିୟନ୍ତ୍ରିତ ହେଉଛି । ଯାହା ବହୁ ଲୋକଙ୍କ ମତ ... ଧରାଯାଉଛି, ତଦନୁଯାୟୀ ଶାସନ ଚାଲୁଛି । ଏଥି... ନିର୍ବାଚନ ହେଉଛି ଏକ ମୁଖ୍ୟ ଆୟୁଧ । ନିର୍ବା... ଜରିଆରେ ଆମେ ଆମର ଲୋକସଭା ଓ ବି... ସଭାକୁ ପ୍ରତିନିଧି ପଠାଇଥାଉଁ ।



୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ... ଭୋଟ ଗ୍ରହଣ କାର୍ଯ୍ୟ ୩୭ ଦିନରେ ଶେଷ ହୋଇଥି... କିନ୍ତୁ ୧୯୫୭ ଦ୍ୱିତୀୟ ନିର୍ବାଚନରେ ଏହି ଭୋ... ଗ୍ରହଣ କାର୍ଯ୍ୟ ପାଇଁ ୧୯ ଦିନ ଲାଗିଥିଲା । ୧୯... ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଭୋଟ ଗ୍ରହଣ କା... ୫ ଦିନ ଲାଗିଥିବା ସ୍ଥଳେ ୧୯୬୭ ମସିହା ଚ... ସାଧାରଣ ନିର୍ବାଚନରେ ରାଜ୍ୟ ବିଧାନ ସଭା ... ଲୋକସଭା ପାଇଁ ଏକ ସଙ୍ଗରେ ଭୋଟ ଦେବା କା... ଗୋଟିଏ ଦିନରେ ଅର୍ଥାତ୍ ୧୯୬୭ ମସି... ଫେବ୍ରୁଆରୀ ୨୧ ତାରିଖରେ ଶେଷ ହୋଇଥି... ଏହା ଭାରତର ନିର୍ବାଚନ ଇତିହାସରେ ଏ... ଉଲ୍ଲେଖଯୋଗ୍ୟ ଘଟଣା ।

ଆମ ଦେଶରେ ସାବାଳକ ଭୋଟ ପ୍ରଥା ପ୍ରଚଳ... ହୋଇଛି । ଏଥିପାଇଁ ସମ୍ବିଧାନର ୩୨୬ ଧାରା... ୨୧ ବର୍ଷ ଓ ତହିଁରୁ ଊର୍ଦ୍ଧ୍ୱ ବୟସର ପ୍ରତ୍ୟେ... ନାଗରିକଙ୍କୁ ଭୋଟ ଅଧିକାର ଦିଆଯାଇଛି । ବାସି... ନ ହୋଇଥିବା କାରଣରୁ ଏବଂ ମସ୍ତିଷ୍କ ବିକୃ... ଦୁର୍ନୀତି ଓ ଅପରାଧ ଯୋଗୁଁ କେତେକଙ୍କୁ ଭୋଟଦା... ଅଧିକାରରୁ ବଞ୍ଚିତ ହେବାକୁ ପଡ଼ିଥାଏ । ତା... ନ ହେଲେ ଜାତି, ବର୍ଣ୍ଣ ଓ ଧର୍ମ ଏବଂ ସ୍ତ୍ରୀ ପୁରୁ... ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ନାଗରିକଙ୍କୁ ... ଅଧିକାର ମିଳିଛି ।

## ଗଣତନ୍ତ୍ରରେ ଭୋଟରଙ୍କ ଦାୟିତ୍ୱ ଓ କର୍ତ୍ତବ...

(୧) ଭୋଟ ଦେବା ପ୍ରତ୍ୟେକ ନାଗରିକଙ୍କ ଏ... ସାମ୍ବିଧାନିକ ଅଧିକାର । ତେଣୁ ଭୋଟରମାନେ ଏ... ଅଧିକାରର ସୁଯୋଗ ନେବା ଉଚିତ ।

(୨) ପ୍ରତ୍ୟେକ ଭୋଟର କାହାରିକୁ ଭୟ ନ କରି କାହାରି ପ୍ରତି ଅନୁଗ୍ରହ ନ ଦେଖାଇ ନିଜର ମନୋମତ ପ୍ରାର୍ଥୀଙ୍କୁ ଭୋଟ ଦେବା ଆବଶ୍ୟକ ।

(୩) କାହାରି ତର୍ଜନ ବା ଧମକ ଚମକରେ ଡର ...ଇ ନିଜର ମନୋମତ ପ୍ରାର୍ଥୀଙ୍କୁ ଭୋଟ ଦେବା ...ଚିତ ।

(୪) ଭୋଟ ପାଇବା ପାଇଁ କେହି ଲାଞ୍ଚ ଯାଚିଲେ ...ହା ଗ୍ରହଣ କରିବା ଦୂରେ ଥାଉ ବରଂ ସେ ଭଳି ...କ୍ତି ଯେତେ ପ୍ରଭାବଶାଳୀ ହୋଇଥିଲେ ମଧ୍ୟ ଏହି ...ଚିତ୍ତହୀନ କାର୍ଯ୍ୟ ପାଇଁ ତାଙ୍କୁ ପାଖରୁ ଘଉଡ଼ାଇ ଦେବା ...ଆବଶ୍ୟକ । କାରଣ ଲାଞ୍ଚ ତଥା ଅନ୍ୟାନ୍ୟ ଅବୈଧ ...ଧାରେ ତିକ ... ଜଣେ ମନୁଷ୍ୟ ହିସାବରେ ତଥା ...ରତର ଜଣେ ମର୍ଯ୍ୟାଦାସମ୍ପନ୍ନ ନାଗରିକ ହିସାବରେ ...ସ୍ତ ଆପଣଙ୍କୁ ଅପମାନିତ କରନ୍ତି ।

(୫) ଯଦି କେହି ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ପାଇଁ ଗାଡ଼ି ପଠାନ୍ତି, ଆପଣ ତାହା ସିଧା ମନା କରିଦେବା ଏକାନ୍ତ ଆବଶ୍ୟକ । କାରଣ ଆପଣଙ୍କ ବାସସ୍ଥାନଠାରୁ ଭୋଟ ଗ୍ରହଣ କେନ୍ଦ୍ର କେବଳ ଦୁଇ କିଲୋମିଟର ଭିତରେ । ଆମେ ସମସ୍ତେ ଅନାୟାସରେ ଏ ସାମାନ୍ୟ ବାଟ ଚାଲିଯାଇ ପାରିବା ।

ଆପଣଙ୍କ ଭୋଟ ବଳରେ ଯଦି ଆପଣ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚିତ କରିପାରନ୍ତି, ତାହାହେଲେ ଦେଶର ସୁଯୋଗ୍ୟ ସନ୍ତାନମାନଙ୍କୁ ନେଇ ଆମର ରାଜ୍ୟ ବିଧାନସଭା ଓ ଲୋକ ସଭା ଗଢ଼ି ଯାଇ ପାରିବ ଏବଂ ଆମେ ଗୋଟିଏ ଉତ୍ତମ ସରକାର ପାଇ ପାରିବା, ଯେ କି ଭାରତର ଜନସାଧାରଣଙ୍କ ସେବା ତଥା କଲ୍ୟାଣ ପଥରେ ବ୍ରତୀ ହୋଇପାରିବ ।



ଜଣେ ଅନ୍ଧ ମହିଳାଙ୍କୁ ଭୋଟ୍ ଦେବାରେ ସାହାଯ୍ୟ କରଯାଉଛି ।



ଜଣେ ଆଦିବାସୀ ଭୋଟରଙ୍କ ବାମ ଆଙ୍ଗୁଠିରେ ଅଲିଭା କାଳି ଦାଗ ଦିଆଯାଉଛି ।

# ନିର୍ବାଚନ ସଙ୍କେତ

୧୯୭୧ ମସିହାର ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କମିଶନ ନିମ୍ନମତେ ନିର୍ବାଚନ ସଂକେତ ଦେଇଛନ୍ତି :

ଜାତୀୟ ଦଳ :

୧। ଶ୍ରୀ ନିଜଲିଙ୍ଗାପାଙ୍କ ଦ୍ୱାରା ପରିଚାଳିତ ଜାତୀୟ କଂଗ୍ରେସ : "ଚରଖା ଚଳାଉଥିବା ମହିଳା"

୨। ଶ୍ରୀ ଜଗଜୀବନ ରାମଙ୍କ ଦ୍ୱାରା ପରିଚାଳିତ ଜାତୀୟ କଂଗ୍ରେସ : "ବାଛୁରି ଓ ଗାଈ"

୩। ସ୍ୱତନ୍ତ୍ର ଦଳ : "ତାରା"

୪। ଭାରତୀୟ ଜନସଂଘ : "ପ୍ରଦୀପ"

୫। ଦକ୍ଷିଣପନ୍ଥୀ କମ୍ୟୁନିଷ୍ଟ ଦଳ : "ଶସ୍ୟକେଣ୍ଡା ଓ ଦାଆ" ।

୬। ସଂଯୁକ୍ତ ସୋସାଲିଷ୍ଟ ପାର୍ଟି : "ଗଛ"

୭। ମାର୍କସବାଦୀ କମ୍ୟୁନିଷ୍ଟ : "ହାତୁଡ଼ି, ଦା... ତାରା" ।

୮। ପ୍ରଜାସୋସଲିଷ୍ଟ ଦଳ : "କୁଡ଼ିଆ"

ରାଜ୍ୟଦଳ :

ଓଡ଼ିଶାର ଜନ-କଂଗ୍ରେସ : "ନିକିତି"

ଓଡ଼ିଶାର ବିଭିନ୍ନ ସ୍ୱୀକୃତ ଦଳ ଓ ସ୍ୱାଧୀନ ପ୍ରାର୍ଥୀ... ପାଇଁ ନିମ୍ନଲିଖିତ ନିର୍ବାଚନ ସଂକେତ ସଂର... କରାଯାଇଛି :

୧—ସାଇକେଲ, ୨—ଘୋଡ଼ା, ୩—ସିଂ... ୪—ଦୁଇଟିପତ୍ର, ୫—ଚକ ଲଙ୍ଗଳ, ୬—... ୭—ଧନୁଶର, ୮—ଡଙ୍ଗା, ୯—ରେଲ ଇଞ୍ଜି... ୧୦—ମାଠିଆ ।

# ରାଜନୈତିକ ଦଳମାନଙ୍କପାଇଁ ଆଚରଣ-ବିଧି

ଭାରତର ନିର୍ବାଚନ କମିଶନ ଆଗାମୀ ନିର୍ବାଚନରେ ନିମ୍ନୋକ୍ତ ପାଞ୍ଚ ଦଫା ସମ୍ବଳିତ ଆଚରଣ-ବିଧି ପାଳନ କରିବା ପାଇଁ ଦେଶର ସବୁ ରାଜନୈତିକ ଦଳଙ୍କୁ ଆହ୍ୱାନ ଜଣାଇଛନ୍ତି । ପାଞ୍ଚ ଦଫା ସମ୍ବଳିତ ଆଚରଣ-ବିଧି ହେଉଛି :—

୧ । ଆଲାପ ଆଲୋଚନା ପରେ ନିଜର ସ୍ୱାଧୀନ ମତ ଅନୁସାରେ ପ୍ରାର୍ଥୀଙ୍କୁ ବାଛିବା ହେଉଛି, ନିର୍ବାଚନର ଅର୍ଥ । ଗଣତାନ୍ତ୍ରିକ ପଦ୍ଧତି ଅବାଧ ଆଲାପ ଆଲୋଚନାର ଏକ ପଦ୍ଧତି ହୋଇଥିବାରୁ ହିଂସାତ୍ମକ ପଦ୍ଧତି ଗଣତାନ୍ତ୍ରିକ ଚିନ୍ତାଧାରାର ପରିପନ୍ଥୀ । ତେଣୁ ନିର୍ବାଚନ ପ୍ରଚାର କାଳରେ ସବୁ ପ୍ରକାର ହିଂସାକାଣ୍ଡ ଓ ଯେ କୌଣସି ପ୍ରକାରର ହିଂସାତ୍ମକ ପଦ୍ଧତି ପରିହାର କରାଯିବା ଆବଶ୍ୟକ ।

୨ । ସଭାସମିତି, ଶୋଭାଯାତ୍ରା, ଧ୍ୱନି, ଭାଷଣ, ପ୍ରଚାର ପତ୍ର ଆଦି ମାଧ୍ୟମରେ ବା ଅନ୍ୟ ଯେ କୌଣସି ଉପାୟରେ ନିର୍ବାଚନ ପ୍ରଚାର ବା ଅଭିଯାନ କରାଯାଉ ଥିବାବେଳେ (କ) ଯେଉଁ ଭାଷା ବା କଥା ଅନ୍ୟମାନଙ୍କୁ ହିଂସା କାଣ୍ଡରେ ମାତିବାକୁ ଉତ୍ତେଜାଇବ ସେ ଭାଷା ବା କଥା ବ୍ୟବହାର ନ କରିବା ପାଇଁ ପଣ କରନ୍ତୁ । (ଖ) ସାମ୍ପ୍ରଦାୟିକ ଅଥବା ବିଭିନ୍ନ ଧର୍ମ, ଜାତି ଓ ଗୋଷ୍ଠୀ ମଧ୍ୟରେ ବିଦ୍ୱେଷଭାବ ଜାଗ୍ରତ ହେବା ଭଳି ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । (ଗ) ନିର୍ବାଚନ ପ୍ରଚାର କାଳରେ କେବଳ ନୀତି ଓ କାର୍ଯ୍ୟକ୍ରମକୁ କେନ୍ଦ୍ରକରି ଅନ୍ୟାନ୍ୟ ଦଳର ସମାଲୋଚନା କରାଯାଇ ପାରେ, କିନ୍ତୁ କାହାରି ବ୍ୟକ୍ତିଗତ ଜୀବନ ବା ଚରିତ୍ରକୁ ଆକ୍ଷେପ କରିବା ଉଚିତ ନୁହେଁ । ବିନା ପ୍ରମାଣରେ ଅନ୍ୟ କୌଣସି ଦଳର ଓ ସେମାନଙ୍କ ନେତା ଓ କର୍ମୀମାନଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବା ଉଚିତ ନୁହେଁ । (ଘ) ଧର୍ମ, ଜାତି, ସଂପ୍ରଦାୟ ଓ ଭାଷା ଇତ୍ୟାଦି ଭିତ୍ତିରେ ଭୋଟରଙ୍କୁ ଭୋଟ ଦେବାଲାଗି ଆବେଦନ କରିବା ଉଚିତ ନୁହେଁ ।

୩ । ନିର୍ବାଚନ ପ୍ରଚାର କାର୍ଯ୍ୟଲାଗି କୌଣସି ମନ୍ଦିର, ଗୁରୁଦ୍ୱାର, ମସଜିଦ୍, ଗୀର୍ଜା କିମ୍ବା ଅନ୍ୟ କୌଣସି ଧର୍ମୀୟ ଉପାସନା କେନ୍ଦ୍ରକୁ କଦାପି ବ୍ୟବହାର କରାଯିବା ଉଚିତ ନୁହେଁ ।

୪ । ଭୋଟରମାନଙ୍କୁ ଲାଞ୍ଚ ଦେବା, ଉତ୍ତ୍ୟକ୍ତ କରାଇବା, ଅନ୍ୟାୟ ଭାବେ ପ୍ରଭାବିତ କରାଇବା, ଭୋଟ ଗ୍ରହଣ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ପ୍ରଚାର କରିବା, ଭୋଟ ଗ୍ରହଣ ଶେଷ ହେବାପାଇଁ ନିର୍ଦ୍ଧାରିତ ସମୟର ୪୮ ଘଣ୍ଟା ମଧ୍ୟରେ କୌଣସି ସଭାସମିତି କରିବା, ଭୋଟରମାନଙ୍କୁ ଗାଡ଼ିରେ ଭୋଟଗ୍ରହଣ କେନ୍ଦ୍ରକୁ ନେବା ଆଣିବା କରିବା ଇତ୍ୟାଦି ଦୁର୍ନୀତିମୂଳକ ଓ ନିର୍ବାଚନ ଆଇନ-ବିରୋଧୀ ସମସ୍ତ କାର୍ଯ୍ୟକଳାପରୁ ସବୁ ଦଳ ଓ ପ୍ରାର୍ଥୀ ବିରତ ... ଆବଶ୍ୟକ ।

୫ । କୌଣସି ଦଳ ବା ପ୍ରାର୍ଥୀଙ୍କ କର୍ମ... ସମର୍ଥକମାନେ ଅନ୍ୟ ଦଳ ବା ପ୍ରାର୍ଥୀଙ୍କ ସଭା ... ନିର୍ବାଚନ ପ୍ରଚାରରେ ବାଧାଦେବା ଏବଂ ଅନ୍ୟ ... ଦଳର ବା ପ୍ରାର୍ଥୀଙ୍କର ନିର୍ବାଚନ ସଭା ନି... ନିଜର ସଭା କରାଇବା ଇତ୍ୟାଦି କାର୍ଯ୍ୟରୁ ... ହେବା ଦରକାର ।



ଗତ ସାଧାରଣ ନିର୍ବାଚନ ସମୟରେ ଭୋଟ ଗଣତିର ଏକ ଦୃଶ୍ୟ

# ନିର୍ବାଚନ ଆଇନର ପରିବର୍ତ୍ତନ

୧୯୬୭ ମସିହା ଚତୁର୍ଥ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ଆଇନରେ ଅନେକ ପରିବର୍ତ୍ତନ କରାଯାଇଥିଲା । ୧୯୬୬ ମସିହା ଲୋକ ପ୍ରତିନିଧିତ୍ୱ (ସଂଶୋଧନ) ଆଇନ (୧୯୬୬ ମସିହାର ୪୭ ନମ୍ବର ଆଇନ) ପ୍ରବର୍ତ୍ତନ ଫଳରେ ୧୯୬୬ ମସିହା ଡିସେମ୍ବର ମାସ ସୁଦ୍ଧା ୧୯୫୦ ମସିହା ଲୋକ ପ୍ରତିନିଧିତ୍ୱ ଆଇନ ଓ ୧୯୫୧ ମସିହା ଲୋକପ୍ରତିନିଧିତ୍ୱ ଆଇନରେ ମଧ୍ୟ ଅନେକ ସଂଶୋଧନ କରାଯାଇଥିଲା । ଭାରତ ସରକାରଙ୍କ ଆଇନ ମନ୍ତ୍ରାଳୟଦ୍ୱାରା ପ୍ରକାଶିତ ନିର୍ବାଚନ ଆଇନ ପୁସ୍ତିକାରେ (ପଞ୍ଚମ ସଂସ୍କରଣ) ଏହିସବୁ ସଂଶୋଧନକୁ ଅନ୍ତର୍ଭୁକ୍ତ କରାଯାଇଛି । ୧୯୬୭ ମସିହା ଜାନୁଆରି ୨୨ ତାରିଖରେ ଏ ସଂକ୍ରାନ୍ତ ଦ୍ୱିଭାଷିକ ସଂସ୍କରଣ ପ୍ରସ୍ତୁତ ହୋଇଛି । କିନ୍ତୁ ଏହା ପୂର୍ବରୁ, ନିର୍ବାଚନ ବିଭାଗର ଉକ୍ତ ଦ୍ୱିଭାଷିକ ସଂସ୍କରଣର ଗୋଟିଏ ମାତ୍ର ନକଲ ରହିଥିବାରୁ ନିର୍ବାଚନ ଆଇନ ସଂକ୍ରାନ୍ତରେ ଯେ କୌଣସି ଜଟିଳତା ଦୂର କରିବା ପାଇଁ ଦ୍ୱିଭାଷିକ ସଂସ୍କରଣର ନକଲକୁ ସାଇକ୍ଲୋଷ୍ଟାଇଲ କରାଯାଇ ରିଟର୍ଣ୍ଣିଂ ଅଫିସରମାନଙ୍କ ନିକଟକୁ ପଠାଯାଉଥିଲା । ଦ୍ୱିଭାଷିକ ସଂସ୍କରଣ ହସ୍ତଗତ ହେବା ପର୍ଯ୍ୟନ୍ତ ରିଟର୍ଣ୍ଣିଂ ଅଫିସରମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ସାଇକ୍ଲୋଷ୍ଟାଇଲ ନକଲ ପାଇ ସେମାନଙ୍କର କାମ ଚଳେଇ ନେଉଥିଲେ । ନିର୍ବାଚନ କମିଶନ ରିଟର୍ଣ୍ଣିଂ ଅଫିସରମାନଙ୍କୁ ନିର୍ବାଚନ ଆଇନ ସଂକ୍ରାନ୍ତ ସରଳ ମାର୍ଗପ୍ରଦର୍ଶକ ପୁସ୍ତକ ଯୋଗାଇ ଦେଇଛନ୍ତି ଓ ଏହା ସେମାନଙ୍କର ବିଶେଷ ପ୍ରୟୋଜନରେ ଆସିଛି ।

ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ଆଇନରେ ଯେଉଁ କେତେକ ପ୍ରଧାନ ସଂଶୋଧନ କରାଯାଇଛି, ଏଠାରେ ସେଗୁଡ଼ିକୁ ଉଲ୍ଲେଖ କରିବା ଏକାନ୍ତ ସମୀଚୀନ ମନେହୁଏ ।

## (କ) ୧୯୫୦ ମସିହା ଲୋକପ୍ରତିନିଧିତ୍ୱ ଆଇନ

(୧) 'ଜିଲ୍ଲା ନିର୍ବାଚନ ଅଧିକାରୀ' ନାମରେ ଗୋଟିଏ ନୂଆ ପଦବୀ ସୃଷ୍ଟି କରାଗଲା । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷିବାପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ମଧ୍ୟବର୍ତ୍ତୀ ଅଫିସର ରୂପେ ରହିଲେ । ଭୋଟ ଗ୍ରହଣ କେନ୍ଦ୍ରରେ ବ୍ୟବସ୍ଥା କରିବା, ପ୍ରିଜାଇଡିଂ ଓ ପୋଲିଂ ଅଫିସର ମନୋନୟନ କରିବା, ନିର୍ବାଚନ ବ୍ୟୟ ସଂକ୍ରାନ୍ତ ପ୍ରତିବେଦନ (ରିଟର୍ଣ୍ଣ) ଗ୍ରହଣ କରିବା ଇତ୍ୟାଦି କେତେକ ବୈଧାନିକ କ୍ଷମତା ମଧ୍ୟ ତାଙ୍କୁ ଦିଆଗଲା ।

(୨) ସନ୍ତୋଷଜନକ ପ୍ରଣାଳୀରେ ଭୋଟର ତାଲିକାର ବାର୍ଷିକ ସଂଶୋଧନ କରିବା ସମ୍ଭବପର ନ ହେବାରୁ ଏହି ବ୍ୟବସ୍ଥାକୁ ବାତିଲ କରାଗଲା । ନିର୍ବାଚନ କମିଶନଙ୍କଠାରୁ ଆଦେଶମିଳିବା ପରେ ଯାଇ ଭୋଟର ତାଲିକାର ସଂଶୋଧନ କରାଯିବ ବୋଲି ବ୍ୟବସ୍ଥା ରଖାଗଲା ।

(୩) ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀଙ୍କ ନିକଟକୁ ଆବେଦନ କରିବାକୁ ବ୍ୟବସ୍ଥା ରଖାଗଲା ଏବଂ ଏ ସଂକ୍ରାନ୍ତରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଆବେଦନ କରିବାପାଇଁ ବ୍ୟବସ୍ଥା ରହିଲା । ୧୯୫୧ ମସିହା ଲୋକ ପ୍ରତିନିଧିତ୍ୱ ଆଇନର ୩୦ ଧାରା ଅନୁସାରେ ମନୋନୟନ ପତ୍ର ଦାଖଲ କରିବା ପାଇଁ, ନିର୍ଦ୍ଧାରିତ ଶେଷ ତାରିଖ ପରେ, ନାମ ଅନ୍ତର୍ଭୁକ୍ତି ସକାଶେ ରହିଥିବା ଯେ କୌଣସି ନିର୍ଦ୍ଦେଶକୁ ନିଷିଦ୍ଧ ଘୋଷଣା କରାଗଲା, କାରଣ ଏହି ବ୍ୟବସ୍ଥା ଯୋଗୁଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ପୂର୍ବ ଦାଇଥିଲେ ମଧ୍ୟ ବହୁ ଆବେଦନ ପତ୍ର ଆସି ପହଞ୍ଚୁଥିବାରୁ, ବିଶେଷ କରି ସାଧାରଣ ନିର୍ବାଚନ ସମୟରେ, ନିର୍ବାଚନ ବିଭାଗକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଥିଲା ।

## (ଖ) ୧୯୫୧ ମସିହା ଲୋକପ୍ରତିନିଧିତ୍ୱ ଆଇନ

(୧) ସରକାରଙ୍କ ସହିତ ଚୁକ୍ତି ବଳବତ୍ ଥିବା ଦୃଷ୍ଟିରୁ ପାର୍ଲିଆମେଣ୍ଟ ଓ ରାଜ୍ୟ ବିଧାନ ସଭାର ସଭ୍ୟ ହେବାପାଇଁ ଅଯୋଗ୍ୟତା ସଂପର୍କୀୟ ଯେଉଁ ଆଇନ ରହିଥିଲା ତାହାକୁ ପରିବର୍ତ୍ତନ କରାଗଲା । ସ୍ପଷ୍ଟ ଭାବରେ ବ୍ୟବସ୍ଥା କରାଗଲା ଯେ ସରକାର ଚୁକ୍ତି ଅନୁଯାୟୀ ଯାହା କରିବାର କଥା ସେ ତାହା ପୂରାପୂରି ବା ଆଂଶିକଭାବେ ସଂପାଦନ ନ କରିଥିବା ହେତୁରୁ ସରକାରଙ୍କ ସହିତ ଚୁକ୍ତିଟି ବଳବତ୍ତର ନଥିଲା ବୋଲି ଧରାଯିବ ।



(୨) ଷ୍ଟେଟ୍ ଅଫିସର ତଥା ସରକାରୀ ଅଫିସର ରୂପେ ସ୍ୱୟଂଶାସନ ସଂସ୍ଥା ଯଥା—ମ୍ୟୁନିସିପାଲିଟି, ନୋଟିଫାଇଡ ଏରିଆ କାଉନସିଲ ପ୍ରଭୃତି ଅଫିସର ରହି ପାରିବେ ବୋଲି ବ୍ୟବସ୍ଥା ରଖାଗଲା ।

(୩) ଭୋଟ ଗ୍ରହଣର ସମୟ-ସୂଚୀକୁ ସଂକ୍ଷିପ୍ତ କରାଯାଇ ସାତଦିନ ରଖାଗଲା ।

(୪) ନିର୍ବାଚନ ଟ୍ରିବ୍ୟୁନାଲକୁ ଉଠାଇଦିଆଗଲା ଏବଂ ନିର୍ବାଚନ ମାମଲାର ବିଚାର ଦାୟିତ୍ୱ ହାଇକୋର୍ଟଙ୍କ ଉପରେ ଦିଆଗଲା ।

(୫) ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟ ସପକ୍ଷରେ ଭୋଟରଙ୍କ ଭୋଟ ଦେବାପାଇଁ ଯୋଗାଣ ମାଡଣରେ ନେବାଆଣିବା କରିବା ବ୍ୟବସ୍ଥା ସଂଶୋଧନ କରାଗଲା ।

(୬) ସରକାରୀ କର୍ମଚାରୀ ନିର୍ବାଚନରେ ପ୍ରାର୍ଥୀଙ୍କର ନିର୍ବାଚନ ଏଜେଣ୍ଟ କିମ୍ବା ପୋଲିଂ ଏଜେଣ୍ଟ ଅଥବା କାଉଣ୍ଟିଂ ଏଜେଣ୍ଟ ରୂପେ କାର୍ଯ୍ୟ କଲେ ଅପରାଧ ରୂପେ ଗଣ୍ୟ ହେବ ବୋଲି ବ୍ୟ ରଖାଗଲା ।

(୭) ଭୋଟ ଗ୍ରହଣ ଶେଷ ହେବାପାଇଁ ନିର୍ଦ୍ଧା ସମୟର ୪୮ ଘଣ୍ଟା ମଧ୍ୟରେ ସାଧାରଣ ସଭା କରିବା ନିଷେଧ କରାଗଲା ।


ଏହି ନିୟମର ଆନୁଷଙ୍ଗିକ ପରିବର୍ତ୍ତନ ଓ ନିର୍ବା କରିବା ସଂପର୍କରେ ମଧ୍ୟ ଅନେକ ପରିବ କରାଯାଇଛି । ସେଥିମଧ୍ୟରୁ କେତେକ ପ୍ରଧ ସଂଶୋଧନ ନିମ୍ନରେ ଦର୍ଶାଗଲା :—

## (କ) ୧୯୬୦ ମସିହା ନିର୍ବାଚନ ରେଜିଷ୍ଟ୍ରେସ ନିୟମାବଳୀ

ସର୍ବପ୍ରଧାନ ସଂଶୋଧନଗୁଡ଼ିକ ୨୬ ନିୟମ ଦୃଷ୍ଟିଗୋଚର କରାଯାଇଛି । ଭୋଟର ତାଲିକାରେ ନ ଅନ୍ତର୍ଭୁକ୍ତ ଓ ସଂଶୋଧନ କରିବା ବ୍ୟବସ୍ଥା ସଂପର୍କ ଏଥିରେ ଉଲ୍ଲେଖ ରହିଛି ।

## (ଗ) ୧୯୭୧ ମସିହା ନିର୍ବାଚନ ପରିଚାଳନା ନିୟମାବଳୀ

(୬) ବୈଧ ଭାବରେ ମନୋନୀତ ପ୍ରାର୍ଥୀଙ୍କର ତାଲିକା ପ୍ରସ୍ତୁତ କରିବା ବେଳେ ରିଟର୍ଣ୍ଣିଂ ଅଫିସର ପ୍ରାର୍ଥୀଙ୍କୁ ତାଙ୍କର ନାମ ସଂଶୋଧନ କରିବା ପାଇଁ ଅଥବା ତାଙ୍କର ଲୋକପ୍ରିୟ ନାମ ବସାଇବା ପାଇଁ ଅନୁମତି ଦେଇ ପାରିବେ । (୭) ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବେ ସେଥିରୁ ପ୍ରାର୍ଥୀଙ୍କର ସଂଜ୍ଞା ଅନୁସାରେ ବର୍ଣ୍ଣାନୁକ୍ରମିକ ସୂଚି ପ୍ରସ୍ତୁତ କରିବାପାଇଁ ଆଗରୁ ଯେଉଁ ନିୟମ ରହିଥିଲା ତାହା ଉଠାଇ ଦିଆଗଲା । (୮) କୌଣସି ଭୋଟର ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଥିବା ସମ୍ପର୍କରେ ଫର୍ମ ୧୩—'କ'ରେ ଘୋଷଣାପତ୍ର ସ୍ୱାକ୍ଷର କରିବା ପାଇଁ ଗ୍ରିଜାଇଡିଂ ଅଫିସରଙ୍କୁ କ୍ଷମତା ଦିଆଗଲା । (୯) ଭୋଟ ଗ୍ରହଣ ଶେଷ ହେବା ପାଇଁ ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ତା' ପୂର୍ବରୁ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଡାକଯୋଗେ ପଠାଉଥିବା ଭୋଟମାନ ଆସି ପହଞ୍ଚିବା ଦରକାର । (୧୦) ଭୋଟ ଗ୍ରହଣ କେନ୍ଦ୍ରମାନଙ୍କରେ ଭୋଟର ତାଲିକାର ଚିହ୍ନିତ ନକଲ ପ୍ରଦର୍ଶନ କରିବା ପାଇଁ ବ୍ୟବସ୍ଥା ରଖାଯାଇଛି । (୧୧) ଦୁର୍ବଳ ଓ ଜରାଗ୍ରସ୍ତ ଭୋଟରଙ୍କ ସହିତ ତାଙ୍କର କେହି ଲୋକ ଆସି ତାଙ୍କୁ ଭୋଟ ପ୍ରଦାନରେ ସାହାଯ୍ୟ କରିପାରିବା ପାଇଁ ଅନୁମତି ମିଳିପାରିବ । (୧୨) ଭୋଟ ଗ୍ରହଣ କେନ୍ଦ୍ରମାନଙ୍କରେ କେତେ ଲୋକ ଭୋଟ ଦେଇଛନ୍ତି ତା'ର ହିସାବର ନକଲ ନେବାପାଇଁ ପୋଲିଂ ଏଜେଣ୍ଟମାନଙ୍କୁ ଅନୁମତି ଦିଆଯାଇଛି ।



ରାଜଧାନୀର ଏକ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟ ଦାତାମାନେ ଧାଡ଼ି ବାନ୍ଧି ଅପେକ୍ଷା କରିଛନ୍ତି

# ବିଭିନ୍ନ ରାଜ୍ୟପାଇଁ ନିର୍ବାଚନ କାର୍ଯ୍ୟକ୍ରମ

ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଏସ୍. ପି. ସେନବର୍ମା ଲୋକସଭା ସାଧାରଣ ନିର୍ବାଚନ ଲାଗି ଯେଉଁ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ତଦନୁଯାୟୀ ନାଗାଲାଣ୍ଡରେ ଚାରି ଦିନ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଓ ମଣିପୁରରେ ତିନି ଦିନ, ଆସାମ, ଗୁଜରାଟ, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ ଓ ମହୀଶୂରରେ ଦୁଇ ଦିନ ଭୋଟ ଗ୍ରହଣ କରାଯିବ। ବାକି ଅନ୍ୟ ରାଜ୍ୟଗୁଡ଼ିକ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ଦିନକ ଭିତରେ ଭୋଟ ଗ୍ରହଣ ଶେଷ ହେବ।

ନିମ୍ନଲିଖିତ ରାଜ୍ୟମାନଙ୍କରେ ଭୋଟ ଗ୍ରହଣ ଲାଗି ଜାନୁଆରୀ ୨୭ ତାରିଖ ଦିନ ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ପ୍ରକାଶ ପାଇଛି। ମନୋନୟନପତ୍ର ଦାଖଲ କରିବାର ଶେଷ ଦିବସ ଥିଲା, ଫେବୃଆରୀ ୩ନେ ତାରିଖ ଏବଂ ପ୍ରାର୍ଥୀଙ୍କ ଯାଞ୍ଚ କରିବାର ଦିବସ ଥିଲା ଫେବୃଆରୀ ୪ ତାରିଖ।

ଆସାମରେ ମାର୍ଚ୍ଚ ପହିଲା ଓ ୪ ତାରିଖ ଦିନ; ବିହାରରେ ମାର୍ଚ୍ଚ ୧, ୩ ଓ ୫ ତାରିଖ ଦିନ; ଗୁଜରାଟରେ ମାର୍ଚ୍ଚ ୧ ଓ ୪ ତାରିଖ ଦିନ; ହିମା[...] ପ୍ରଦେଶରେ ମାର୍ଚ୍ଚ ୨ ଓ ୫ ତାରିଖ ଦିନ; କେରଳ[...] ମାର୍ଚ୍ଚ ୩ ଓ ୭ ତାରିଖ ଦିନ; ମଧ୍ୟ ପ୍ରଦେଶ[...] ମାର୍ଚ୍ଚ ୧ ଓ ୪ ତାରିଖ ଦିନ; ମହାରାଷ୍ଟ୍ରରେ ମାର୍ଚ୍ଚ ୧,[...] ୭ ତାରିଖ ଦିନ; ନାଗାଲାଣ୍ଡରେ ମାର୍ଚ୍ଚ ୧, ୨, [...] ୭ ତାରିଖ ଦିନ; ରାଜସ୍ଥାନରେ ମାର୍ଚ୍ଚ ୧,୪ ଓ ୭ତାରି[...] ଦିନ; ତାମିଲନାଡୁ ମାର୍ଚ୍ଚ ୧, ୪ ଓ ୭ ତା[...] ଦିନ; ଉତ୍ତର ପ୍ରଦେଶରେ ମାର୍ଚ୍ଚ ୧,୩ ଓ ୫ତାରିଖ ଦି[...] ଆଣ୍ଡାମାନ-ନିକୋବରରେ ମାର୍ଚ୍ଚ ୧ ତାରିଖ ଦି[...] ଲକ୍ଷାଦ୍ୱୀପ, ମିନିକୟ ଓ ଆମିନଦ୍ୱୀପରେ ମାର୍ଚ୍ଚ[...] ତାରିଖ ଦିନ ଓ ମଣିପୁରରେ ମାର୍ଚ୍ଚ ୧, ୪ ଓ [...] ତାରିଖ ଦିନ ଭୋଟ ଗ୍ରହଣ ହେବ।

ଉପରୋକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କେବ[...] ବିହାରକୁ ଛାଡ଼ିଦେଲେ ବାକି ସବୁ ରାଜ୍ୟ[...] ମନୋନୟନପତ୍ର ପ୍ରତ୍ୟାହାରର ଶେଷ ତାରିଖ ମା[...] ଛଅ ତାରିଖ, ବିହାରରେ ଏହା ମାର୍ଚ୍ଚ ଅଠ ତାରିଖ[...]

ଅନ୍ୟ ପ୍ରଦେଶରେ ଭୋଟ ଗ୍ରହଣ ଲାଗି ଫେବୃଆ[...] ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାର୍ଥୀ[...] ଦାଖଲର ଶେଷ ତାରିଖ ଫେବୃଆରୀ ୮ ଏବଂ [...]

ତାରିଖ ୯, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ୧୧ ତାରିଖ । ଭୋଟଗ୍ରହଣ ୫ ତାରିଖ ଓ ଦିନକ ଭିତରେ ଏହା ଶେଷ ହେବ ।

ନିମ୍ନଲିଖିତ ରାଜ୍ୟଗୁଡିକ ପାଇଁ ଫେବୃଆରୀ ୧ଲାରେ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ଦିନଗୁଡିକ ହେଉଛି ଯଥାକ୍ରମେ ଫେବୃଆରୀ ୮, ୯ ଓ ୧୧ ତାରିଖ । ହରିଆନା, ଓଡ଼ିଶା, ପଞ୍ଜାବ, ଚଣ୍ଡୀଗଡ଼, ଦାଦ୍ରା ଓ ନଗର ହାବେଳି, ଦିଲ୍ଲୀରେ ମାର୍ଚ୍ଚ ୫ ତାରିଖ ଦିନ ଏବଂ ଜାମ୍ମୁ ଓ କାଶ୍ମୀର, ଗୋଆ—ଡାମନ—ଡିଉ ଓ ପଣ୍ଡିଚେରୀରେ ମାର୍ଚ୍ଚ ୪ ତାରିଖ ଦିନ ଭୋଟ ଗ୍ରହଣ କରାଯିବ । ମଦ୍ରାସରେ ମାର୍ଚ୍ଚ ୪ ଓ ୭ ତାରିଖରେ ଭୋଟ ଗ୍ରହଣ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

ପଶ୍ଚିମ ବଙ୍ଗରେ ମାର୍ଚ୍ଚ ୧୦ ତାରିଖ ଓ ତ୍ରିପୁରାରେ ମାର୍ଚ୍ଚ ୭ ତାରିଖ ଦିନ ଭୋଟ ଗ୍ରହଣ କରାଯିବ । ଏହି ଦୁଇ ରାଜ୍ୟପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଫେବୃଆରୀ ୧୦ ତାରିଖ, ଯାଞ୍ଚ ୧୧ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୧୩ ତାରିଖ ଧାର୍ଯ୍ୟ କରାଯାଇଛି ।

କେବଳ ପଶ୍ଚିମ ବଙ୍ଗକୁ ଛାଡିଦେଲେ ବାକି ସବୁରାଜ୍ୟରେ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ନିର୍ବାଚନ ଫଳାଫଳ ଘୋଷିତ ହୋଇଯିବ । ପଶ୍ଚିମ ବଙ୍ଗରେ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ନିର୍ବାଚନ କାର୍ଯ୍ୟ ଶେଷ ହେବ ।

ବିହାର, ନାଗାଲାଣ୍ଡ, ମଣିପୁର, ପଶ୍ଚିମ ବଙ୍ଗ ଓ ତ୍ରିପୁରାରେ ଭୋଟ ଗ୍ରହଣ କାର୍ଯ୍ୟ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ଣ ୫ଟାରେ ଶେଷ ହେବ ।



ଜଣେ ଆଦିବାସୀ ଭୋଟର ଭୋଟ ଦେଉଛନ୍ତି

ଜନସଂଘ, ସ୍ୱତନ୍ତ୍ର, ସମାଜବାଦୀ ସୁନ୍ତ୍ରି କେନ୍ଦ୍ର ଓ ଝାଡ଼ଖଣ୍ଡ ସମେତ ସାତଗୋଟି ରାଜନୈତିକ ଦଳର ପ୍ରାର୍ଥୀ ନିର୍ବାଚନ ସମରରେ ଅବତୀର୍ଣ୍ଣ ହୋଇଥିଲେ ।

ଉଭୟ ଚୌଦ୍ୱାର ଓ ନୟାଗଡ଼ ନିର୍ବାଚନ ମଣ୍ଡଳ ସର୍ବାଧିକ ଛଅଜଣ ଲେଖାଏଁ ସ୍ୱାଧୀନ ଲଢ଼ିଥିଲେ ।

## ନିର୍ବାଚନ ପ୍ରତିଦ୍ୱନ୍ଦ୍ୱୀ ଓ ନିର୍ବାଚିତ ପ୍ରାର୍ଥୀଙ୍କ ସଂଖ୍ୟା

ଓଡ଼ିଶା ବିଧାନସଭା ପାଇଁ ୧୯୬୧ ଓ ୧୯୬୭ ମସିହା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଓ ନିର୍ବା ହୋଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା :

| ରାଜନୈତିକ ଦଳ | ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା | | ନିର୍ବାଚିତ ପ୍ରାର୍ଥୀଙ୍କ ସଂଖ୍ୟା | | ଜମାନତ ହରାଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | |
|---|---|---|---|---|---|---|
| | ୧୯୬୧ | ୧୯୬୭ | ୧୯୬୧ | ୧୯୬୭ | ୧୯୬୧ | ୧୯୬୭ |
| (୧) | (୨) | (୩) | (୪) | (୫) | (୬) | (୭) |
| କଂଗ୍ରେସ ... | ୧୪୦ | ୧୪୦ | ୮୨ | ୩୧ | ୬ | ୧୪ |
| ଗଣତନ୍ତ୍ର/ସ୍ୱତନ୍ତ୍ର ପରିଷଦ ... | ୧୨୧ | ୧୦୧ | ୩୭ | ୪୯ | ୪୦ | ୧୭ |
| ଜନକଂଗ୍ରେସ ... | ... | ୪୯ | ... | ୨୬ | ... | ୧୨ |
| ଭାରତୀୟ କମ୍ୟୁନିଷ୍ଟ ଦଳ ... | ୩୪ | ୩୦ | ୪ | ୭ | ୧୦ | ୧୫ |
| ପ୍ରଜା ସମାଜବାଦୀ ଦଳ ... | ୪୬ | ୩୩ | ୧୦ | ୨୧ | ୧୪ | ୭ |
| ଭାରତୀୟ ଜନସଂଘ ... | ... | ୧୯ | ... | ... | ... | ୧୯ |
| ଭାରତୀୟ କମ୍ୟୁନିଷ୍ଟ (ମାର୍କସ୍‌ବାଦୀ) ... | ... | ୧୧ | ... | ୧ | ... | ୯ |
| ସଂଯୁକ୍ତ ସମାଜବାଦୀ ଦଳ | ... | ୯ | ... | ୨ | ... | ୩ |
| ଅନ୍ୟାନ୍ୟ | ୧୯୧ | ୨୧୧ | ୭ | ୩ | ୧୬୦ | ୧୮[illegible] |
| ମୋଟ ... | ୫୩୩ | ୬୦୩ | ୧୪୦ | ୧୪୦ | ୨୩୦ | ୨୮[illegible] |

### ୧୯୬୭ ମସିହା ଲୋକସଭା ନିର୍ବାଚନ

| ରାଜନୈତିକ ଦଳ | ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା | ନିର୍ବାଚିତ ପ୍ରାର୍ଥୀ | ଜମାନତ ହରାଇଥିବା ପ୍ରାର୍ଥୀ |
|---|---|---|---|
| (୧) | (୨) | (୩) | (୪) |
| କଂଗ୍ରେସ ... | ୨୦ | ୬ | ... |
| ସ୍ୱତନ୍ତ୍ର ... | ୧୭ | ୮ | ୨ |

| ରାଜନୈତିକ ଦଳ | | ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା | ନିର୍ବାଚିତ ପ୍ରାର୍ଥୀ | ଜମାନତ ହରାଇଥିବା ପ୍ରାର୍ଥୀ |
|---|---|---|---|---|
| (୧) | | (୨) | (୩) | (୪) |
| ପ୍ରଜା ସମାଜବାଦୀ ଦଳ | ... | ୫ | ୪ | ୧ |
| ଭାରତୀୟ କମ୍ୟୁନିଷ୍ଟ ଦଳ | ... | ୩ | ... | ... |
| ସଂଯୁକ୍ତ ସମାଜବାଦୀ ଦଳ | ... | ୨ | ୧ | ... |
| ଭାରତୀୟ ଜନସଂଘ | ... | ୨ | .. | ୨ |
| ଅନ୍ୟାନ୍ୟ | ... | ୧୬ | ୧ | ୧୨ |
| ମୋଟ | ... | ୨୫ | ୨୦ | ୧୭ |

## ବିଭିନ୍ନ ଜିଲ୍ଲାର ଭୋଟ କେନ୍ଦ୍ର ଓ ଭୋଟର ସଂଖ୍ୟା

ଆଗାମୀ ନିର୍ବାଚନରେ ଭୋଟଦାତାମାନେ ଯେପରି ସୁବିଧାରେ ଭୋଟ ଦେଇ ପାରିବେ ସେଥିନିମନ୍ତେ ରାଜ୍ୟରେ ଭୋଟ କେନ୍ଦ୍ରଗୁଡ଼ିକର ସଂଖ୍ୟା ବୃଦ୍ଧି କରାଯାଇଛି । ଏହା ୧୯୬୭ ମସିହା ନିର୍ବାଚନ ତୁଳନାରେ ପ୍ରାୟ ଶତକଡ଼ା ୪୫-୫୦ ଭାଗକୁ ବୃଦ୍ଧି ପାଇଛି । ୧୯୬୭ ମସିହାରେ ୮,୯୬୭ଟି ଭୋଟ କେନ୍ଦ୍ର ଖୋଲାଯାଇଥିବା ସ୍ଥଳେ ଚଳିତ ନିର୍ବାଚନରେ ୧୨,୮୭୭ଟି ଭୋଟ କେନ୍ଦ୍ର ଖୋଲାଯିବ ।

୧୯୬୭ ନିର୍ବାଚନ ତୁଳନାରେ ଅଧିକ ୧୦ ଲକ୍ଷ ଭୋଟଦାତା ଚଳିତ ନିର୍ବାଚନରେ ଭୋଟ ଦେବେ ।

୧୯୬୭ ଓ ୧୯୭୧ ମସିହାରେ ବିଭିନ୍ନ ଜିଲ୍ଲାର ଭୋଟର ତଥା ଭୋଟ କେନ୍ଦ୍ରର ସଂଖ୍ୟା ତଳେ ଦିଆଗଲା : —

| ଜିଲ୍ଲାର ନାମ | ଭୋଟ କେନ୍ଦ୍ର ସଂଖ୍ୟା | | ଭୋଟର ସଂଖ୍ୟା | |
|---|---|---|---|---|
| | ୧୯୭୧ | ୧୯୬୭ | ୧୯୭୧ | ୧୯୬୭ |
| (୧) ମୟୂରଭଞ୍ଜ | ୮୮୩ | ୫୭୩ | ୬୮୯,୦୭୩ | ୬୪୦,୮୨୩ |
| (୨) ବାଲେଶ୍ୱର | ୧,୦୬୬ | ୭୪୯ | ୯୦୧,୧୦୦ | ୮୧୬,୭୦୯ |
| (୩) କଟକ | ୨,୩୭୧ | ୧,୭୦୭ | ୨,୦୭୭,୪୩୧ | ୧,୮୫୪,୪୧୮ |
| (୪) ପୁରୀ | ୧,୪୪୦ | ୯୮୮ | ୧,୨୧୭,୧୩୮ | ୧,୧୦୬,୧୯୪ |
| (୫) ଗଂଜାମ | ୧,୩୯୩ | ୯୬୮ | ୧,୧୯୯,୯୭୭ | ୧,୦୭୨,୦୪୨ |

| ଜିଲ୍ଲାର ନାମ | | ଭୋଟ କେନ୍ଦ୍ର ସଂଖ୍ୟା | | ଭୋଟରର ସଂଖ୍ୟା | |
|---|---|---|---|---|---|
| | | ୧୯୭୧ | ୧୯୬୭ | ୧୯୭୧ | ୧୯୬... |
| (୬) କୋରାପୁଟ | ... | ୧,୦୮୨ | ୬୬୫ | ୯୧୨,୦୬୦ | ୮୨୧,... |
| (୭) କଳାହାଣ୍ଡି | ... | ୬୨୪ | ୪୨୮ | ୪୫୯,୫୨୯ | ୪୬୪,... |
| (୮) ବୌଦ୍ଧ-କନ୍ଧମାଳ | ... | ୪୦୫ | ୨୪୮ | ୩୧୪,୪୩୧ | ୨୮୮,... |
| (୯) ବଲାଙ୍ଗୀର | ... | ୭୨୨ | ୫୩୩ | ୬୩୧,୨୯୬ | ୫୮୭,... |
| (୧୦) ସମ୍ବଲପୁର | ... | ୧,୦୯୮ | ୭୯୨ | ୯୪୫,୫୩୧ | ୮୬୫,... |
| (୧୧) ସୁନ୍ଦରଗଡ଼ | ... | ୫୯୮ | ୩୬୦ | ୪୪୭,୨୧୪ | ୪୧୦,୮... |
| ୧୨) କେନ୍ଦୁଝର | ... | ୪୮୬ | ୩୨୮ | ୪୧୨,୫୩୨ | ୩୫୯,୮... |
| (୧୩) ଢେଙ୍କାନାଳ | ... | ୭୭୯ | ୫୦୭ | ୬୩୨,୦୨୨ | ୫୬୫,... |
| ମୋଟ | ... | ୧୨,୮୪୭ | ୮,୯୬୬ | ୧୦,୮୮୪,୧୪୭ | ୯,୮୭୩,... |

## ଭୋଟଦାନ

ପୂର୍ବବର୍ତ୍ତୀ ନିର୍ବାଚନ ତୁଳନାରେ ଚତୁର୍ଥ ସାଧାରଣ ନିର୍ବାଚନ କାଳରେ ଓଡ଼ିଶାର ଭୋଟଦାତାଙ୍କ ମଧ୍ୟରେ ଅତ୍ୟଧିକ ଆଗ୍ରହ ତଥା ଉତ୍ସାହ ପରିଲକ୍ଷିତ ହୋଇଥିଲା। ୧୯୬୧ ମସିହା ମଧ୍ୟବର୍ତ୍ତୀକାଳୀନ ବିଧାନସଭା ନିର୍ବାଚନ ତଥା ୧୯୬୨ ମସିହା ଲୋକସଭା ନିର୍ବାଚନରେ ୮,୩୪୮,୯୧୩ ଜଣ ଭୋଟରଙ୍କ ମଧ୍ୟରୁ ଯଥାକ୍ରମେ ଶତକଡ଼ା ୩୬·୭୧ ଓ ୨୩·୫୬ ଜଣ ଭୋଟ ଦେଇଥିବା ସ୍ଥଳେ ୧୯୬୭ ମସିହା ନିର୍ବାଚନରେ ୯,୮୩୭,୦୫୬ ଜଣ ଭୋଟରଙ୍କ ମଧ୍ୟରୁ ଶତକଡ଼ା ୪୪·୦୫ ଜଣ ଭୋଟ ଦେଇଥିଲେ।

୧୯୬୭ ମସିହା ନିର୍ବାଚନରେ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୨·୧୯୧ ଭୋଟରଙ୍କ ମଧ୍ୟରୁ ସର୍ବାଧିକ ଶତକଡ଼ା ୬୬·୪୮ ଭାଗ ଭୋଟ ଦେଇଥିଲେ। ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଅର୍ଥାତ୍ ୫୫,୩୩୪ଟି ଭୋଟ ମିଳିଥିଲା।

କୋରାପୁଟ ଜିଲ୍ଲାର ତପସିଲଭୁକ୍ତ ସମ୍ପ୍ରଦା... ନିମନ୍ତେ ସଂରକ୍ଷିତ ନଉପୁର ନିର୍ବାଚନ ମଣ୍ଡଳୀ... ୬୦,୮୦୧ ଜଣ ଭୋଟରମାନଙ୍କ ମଧ୍ୟରୁ ଶତକ... ୧୪·୫୬ ଜଣ ଭୋଟ ଦେଇଥିଲେ। ୧୯୬୭ ମସି... ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ୮,୭୪... ଭୋଟ ମିଳିଥିଲା ଏବଂ ଏହା ସମଗ୍ର ରାଜ୍ୟରେ ସର୍ବ... ଥିଲା।

## ଲୋକସଭା ନିର୍ବାଚନମଣ୍ଡଳୀ

ଗତ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା... ଲୋକସଭା ନିର୍ବାଚନ ମଣ୍ଡଳୀର ୫୬୧,୮୬୫ ... ଭୋଟରମାନଙ୍କ ମଧ୍ୟରୁ ଶତକଡ଼ା ୬୧·୨୨ ଜଣ ... ତପସିଲଭୁକ୍ତ ସମ୍ପ୍ରଦାୟଙ୍କ ପାଇଁ ସଂରକ୍ଷିତ ନବରଙ୍ଗ... ପୁର ନିର୍ବାଚନ ମଣ୍ଡଳୀରୁ ଶତକଡ଼ା ୨୫·୮୮ ... ଭୋଟ ଦେଇ ଯଥାକ୍ରମେ ସର୍ବାଧିକ ଓ ସର୍ବନି... ରେକର୍ଡ ସୃଷ୍ଟି କରିଥିଲେ।

## ୧୯୬୧ ଓ ୧୯୬୭ ମସିହା ରାଜ୍ୟ ବିଧାନସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପାଇଥିବା ଭୋଟ ସଂଖ୍ୟା

### ୧୯୬୧

| ରାଜନୈତିକ ଦଳର ନାମ | ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ପ୍ରାର୍ଥୀ ସଂଖ୍ୟା | ପାଇଥିବା ଭୋଟ ସଂଖ୍ୟା | ସମୁଦାୟ ଭୋଟର ଶତକଡ଼ା |
|---|---|---|---|---|
| କଂଗ୍ରେସ .. | ୧୪୦ | ୮୨ | ୧,୨୬୯,୦୦୪ | ୪୩·୨୮ |
| ଗଣତନ୍ତ୍ର ପରିଷଦ .. | ୧୨୧ | ୩୭ | ୬୫୫,୦୯୯ | ୨୨·୩୪ |
| ପ୍ରଜା ସମାଜବାଦୀ ଦଳ .. | ୪୭ | ୧୦ | ୩୩୪,୩୨୩ | ୧୧·୪୦ |
| ଭାରତୀୟ କମ୍ୟୁନିଷ୍ଟ ଦଳ | ୩୫ | ୪ | ୨୩୩,୯୬୧ | ୭·୯୮ |
| ଅନ୍ୟାନ୍ୟ .. | ୧୯୧ | ୬ | ୪୩୯,୮୫୭ | ୧୫·୦୦ |

୧୯୬୧ ମସିହାରେ ମିଳିଥିବା ସମୁଦାୟ କାଏମ ଭୋଟ ସଂଖ୍ୟା—୨,୯୩୭,୨୬୩
ଭୋଟର ସଂଖ୍ୟା—୮,୫୬୩,୬୮୩

### ୧୯୬୭

| ରାଜନୈତିକ ଦଳର ନାମ .. | ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ପ୍ରାର୍ଥୀଙ୍କ ସଂଖ୍ୟା | ପାଇଥିବା ଭୋଟ ସଂଖ୍ୟା | ସମୁଦାୟ ଭୋଟର ଶତକଡ଼ା |
|---|---|---|---|---|
| କଂଗ୍ରେସ .. | ୧୪୦ | ୩୧ | ୧୨୩୩,୩୧୧ | ୩୦·୬୨ |
| ସ୍ୱତନ୍ତ୍ର .. | ୧୦୧ | ୪୯ | ୯୦୯,୪୨୧ | ୨୨·୫୮ |
| ପ୍ରଜା ସମାଜବାଦୀ ଦଳ .. | ୩୩ | ୨୧ | ୪୫୧,୦୨୯ | ୧୧·୨୦ |
| ଭାରତୀୟ କମ୍ୟୁନିଷ୍ଟ ଦଳ .. | ୩୦ | ୭ | ୨୫୭,୧୫୮ | ୬·୨୭ |
| ଭାରତୀୟ କମ୍ୟୁନିଷ୍ଟ ଦଳ (ମାର୍କସବାଦୀ) .. | ୯ | ୧ | ୪୯,୧୫୯ | ୧·୨୨ |

| ରାଜନୈତିକ ଦଳର ନାମ | ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ପ୍ରାର୍ଥୀଙ୍କ ସଂଖ୍ୟା | ପାଇଥିବା ଭୋଟ ସଂଖ୍ୟା | ସମୁଦାୟ ଭୋଟ୍ର ଶତକଡ଼ା |
|---|---|---|---|---|
| ସଂଯୁକ୍ତ ସମାଜବାଦୀ ଦଳ .. | ୧୧ | ୨ | ୬୧,୪୨୭ | ୧·୫୨ |
| ଭାରତୀୟ ଜନସଂଘ .. | ୧୯ | — | ୨୧,୭୮୮ | ୦·୫୪ |
| ଜନକଂଗ୍ରେସ .. | ୪୯ | ୨୬ | ୫୪୨,୬୩୪ | ୧୩·୪୬ |
| ଅନ୍ୟାନ୍ୟ .. | ୨୧୧ | ୩ | ୫୦୬,୨୩୩ | ୧୨·୫୯ |

ମୋଟ କାଏମ ଭୋଟ ୪,୦୨୮,୨୫୯

ସମୁଦାୟ ଭୋଟର ୯,୮୬୩,୦୫୬

## ଲୋକସଭା ନିର୍ବାଚନ

୧୯୬୨ ଓ ୧୯୬୭ ମସିହାରେ ଓଡ଼ିଶାର ଲୋକସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପାଇଥିବା ଭୋଟ ସଂଖ୍ୟା

୧୯୬୨

| ରାଜନୈତିକ ଦଳର ନାମ | ପ୍ରତିଦ୍ୱନ୍ଦ୍ୱିତାରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ସଭ୍ୟଙ୍କ ସଂଖ୍ୟା | ପାଇଥିବା ମୋଟ ଭୋଟ | ସମୁଦାୟ ଭୋଟ୍ର ଶତକଡ଼ା |
|---|---|---|---|---|
| କଂଗ୍ରେସ .. | ୨୦ | ୧୪ | ୧୦,୯୩,୨୯୬ | ୫୫·୫୩ |
| ସ୍ୱତନ୍ତ୍ର ଓ ଗଣତନ୍ତ୍ର ପରିଷଦ .. | ୧୧ | ୪ | ୩୬୫,୬୧୩ | ୧୮·୫୬ |
| ପ୍ରଜା ସମାଜବାଦୀ ଦଳ .. | ୫ | ୧ | ୩୦୫,୧୧୬ | ୧୫·୫୦ |
| ଭାରତୀୟ କମ୍ୟୁନିଷ୍ଟ ଦଳ .. | ୨ | — | ୧୦୦,୫୬୬ | ୫·୧୧ |
| ସଂଯୁକ୍ତ ସମାଜବାଦୀ ଦଳ .. | ୩ | ୧ | ୫୨,୬୩୩ | ୨·୬୬ |
| ଜନସଂଘ .. | — | — | — | — |
| ସ୍ୱାଧୀନ/ଅନ୍ୟାନ୍ୟ .. | ୮ | — | ୫୧,୬୨୯ | ୨·୬୨ |

୩୨

ଉତ୍କଳ ପ୍ରସଙ୍ଗ, ଫେବୃୟାରୀ—୧୯୭

ନିର୍ବାଚନରେ କାଏମ୍ ହୋଇଥିବା ଭୋଟ ସଂଖ୍ୟା—୧,୯୬୮,୯୬୫

୧୯୬୭

| ରାଜନୈତିକ ଦଳର ନାମ | | ପ୍ରତିଦ୍ୱନ୍ଦ୍ୱିତାରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ସଂଖ୍ୟା | ପାଇଥିବା ସମୁଦାୟ ଭୋଟ | ପାଇଥିବା ଭୋଟର ଶତକଡ଼ା |
|---|---|---|---|---|---|
| କଂଗ୍ରେସ | .. | ୨୦ | ୬ | ୧,୩୫୩,୬୦୪ | ୩୩.୩୩ |
| ସ୍ୱତନ୍ତ୍ର | .. | ୧୭ | ୮ | ୧,୨୫୩,୮୯୩ | ୩୦.୮୭ |
| ପ୍ରଜା ସମାଜବାଦୀ ଦଳ | ... | ୫ | ୪ | ୬୭୩,୮୮୨ | ୧୬.୧୦ |
| ସଂଯୁକ୍ତ ସମାଜବାଦୀ ଦଳ | ... | ୨ | ୧ | ୧୮୨,୮୮୬ | ୪.୫୦ |
| ଭାରତୀୟ କମ୍ୟୁନିଷ୍ଟ ଦଳ | ... | ୩ | — | ୧୫୬,୨୮୨ | ୩.୮୫ |
| ଜନସଂଘ | ... | ୨ | — | ୨୨,୩୬୮ | ୦.୫୫ |
| ସ୍ୱାଧୀନ ଓ ଅନ୍ୟାନ୍ୟ | ... | ୧୭ | ୧ | ୪୩୮,୯୭୭ | ୧୦.୮୦ |

ନିର୍ବାଚନରେ କାଏମ୍ ହୋଇଥିବା ଭୋଟ ସଂଖ୍ୟା—୪,୦୬୧,୯୯୨

## ନିର୍ବାଚନ ସଂପର୍କୀୟ ଘୋଷଣା

ଏକ ନୂତନ ଲୋକସଭା ଗଠନପାଇଁ ସମସ୍ତ ସଂସଦୀୟ ନିର୍ବାଚନ ମଣ୍ଡଳୀଙ୍କୁ ସଦସ୍ୟ ନିର୍ବାଚନ କରିବା ସକାଶେ ଆହ୍ୱାନ କରାଇ ରାଷ୍ଟ୍ରପତିଙ୍କ ଘୋଷଣାନାମା ପ୍ରକାଶ ପାଇଛି । ଅଦ୍ୟମଧ୍ୟ ଏକ ନୂତନ ବିଧାନ-ସଭା ଗଠନ ପାଇଁ ସଦସ୍ୟ ନିର୍ବାଚନ ସକାଶେ ଓଡ଼ିଶାର ବିଧାନ ସଭା ନିର୍ବାଚନ ମଣ୍ଡଳୀଗୁଡ଼ିକୁ ଆହ୍ୱାନ କରାଇ ଓଡ଼ିଶାର ରାଜ୍ୟପାଳଙ୍କ ଘୋଷଣାନାମା ପ୍ରକାଶ ପାଇଛି । ଉଭୟ ଲୋକସଭା ଓ ରାଜ୍ୟ ବିଧାନ ସଭା ପାଇଁ ଏକ ସଙ୍ଗେ ନିର୍ବାଚନ ହେବ ।

ଓଡ଼ିଶାରେ ସାଧାରଣ ନିର୍ବାଚନପାଇଁ ନିର୍ବାଚନ କମିସନ୍ ନିମ୍ନୋକ୍ତ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି ।

(କ) ମନୋନୟନପତ୍ର ଦାଖଲର ଶେଷ ତାରିଖ ଫେବୃଆରୀ ୮, ୧୯୭୧

(ଖ) ମନୋନୟନପତ୍ର ପରୀକ୍ଷା କରିବା ତାରିଖ ଫେବୃଆରୀ ୯, ୧୯୭୧

(ଗ) ପ୍ରାର୍ଥିତ୍ୱ ପ୍ରତ୍ୟାହାରର ଶେଷ ତାରିଖ—ଫେବୃଆରୀ ୧୧, ୧୯୭୧

(ଘ) ଆବଶ୍ୟକ ପଡ଼ିଲେ ଭୋଟ ଗ୍ରହଣର ତାରିଖ—ମାର୍ଚ୍ଚ ୫, ୧୯୭୧

(ଙ) ନିର୍ବାଚନ ଯେଉଁ ତାରିଖ ପୂର୍ବରୁ ସଂପୂର୍ଣ୍ଣ ହେବ—ମାର୍ଚ୍ଚ ୧୫, ୧୯୭୧

ଭୋଟ ଗ୍ରହଣ ସମୟ—ସକାଳ ୮ଟାରୁ ଅପରାହ୍ଣ ୫ଟା ।

ହେରମ୍ବ ନାରାୟଣ ଦାସମହାପାତ୍ର

# ଭାରତରେ ଗଣତାନ୍ତ୍ରିକ ନିର୍ବାଚନର ଉତ୍କୃଷ୍ଟ ଦୃଷ୍ଟାନ୍ତ

ରାଜନୈତିକ ସ୍ୱାଧୀନତା ଲାଭ କରିବା ଓ ବୈଦେଶିକମାନଙ୍କ କବଳ ମୁକ୍ତ ହେବା ପୂର୍ବରୁ ଆମର ଜନ୍ମଭୂମି ମୁନି-ଋଷି-ଅଧ୍ୟୁଷିତ ଏହି ଭାରତରେ ଗଣତନ୍ତ୍ର ଶାସନ କାର୍ଯ୍ୟକାରୀ ହୋଇଥିବାର ପ୍ରମାଣ ଶାସ୍ତ୍ରଗ୍ରନ୍ଥମାନଙ୍କରୁ ମିଳେ । ଗଣତନ୍ତ୍ର "A Government by the people, for the people and of the people." ଅର୍ଥାତ୍ ଜନତା ଦ୍ୱାରା, ଜନତା ପାଇଁ ଓ ଜନତାର ସରକାର ବୋଲି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଅବ୍ରାହାମ୍ ଲିଙ୍କନଙ୍କ ଦ୍ୱାରା ଉଦ୍‌ଘୋଷିତ ହେବାର ବହୁ ପୂର୍ବରୁ ଭାରତୀୟମାନେ ଗଣତନ୍ତ୍ର ଶାସନ ସହିତ ସୁପରିଚିତ ।

୧୯୪୭ ଅଗଷ୍ଟ ୧୫ ତାରିଖ ଭାରତ ପକ୍ଷେ ଏକ ଅବିସ୍ମରଣୀୟ ଦିବସ । ଦୁଇ ଶହ ବର୍ଷର ପରାଧୀନତା ପରେ ଆମେ ଏହି ଦିନ ସ୍ୱାଧୀନତା ହାସଲ କଲୁ । ଦେଶ ସ୍ୱାଧୀନ ହେବାର ପ୍ରାୟ ଅଢେଇ ବର୍ଷ ମଧ୍ୟରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମର ନୂତନ ସମ୍ବି... କାର୍ଯ୍ୟକାରୀ ହେଲା ଏବଂ ଏହି ଦିନ ଆମେ ଦେଶ... ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ... ରାଜ୍ୟରେ ପରିଣତ କଲୁ । 'ଗଣତନ୍ତ୍ର' ... ପ୍ରତିନିଧିମୂଳକ ଶାସନକୁ ବୁଝାଏ । ... ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଭିତ୍ତି ହେଲା 'ନିର୍ବାଚ... ନିର୍ବାଚନ ଜରିଆରେ ଦେଶବାସୀ ନିଜେ... ପ୍ରତିନିଧି ବାଛିଥାନ୍ତି । ଏହି ନିର୍ବାଚିତ ପ୍ରତିନିଧି... ଦେଶର ଶାସନ ଦାୟିତ୍ୱ ବହନ କରନ୍ତି ।

ଆମ ସମ୍ବିଧାନର ୩୨୬ ଧାରାରେ ଉଲ୍ଲେଖ... ଯେ ସାବାଳକ ଭୋଟ ଦାନ ପ୍ରଣାଳୀରେ ଲୋକ... ଏବଂ ଭିନ୍ନ ରାଜ୍ୟର ବିଧାନ ସଭା ନି... ନିର୍ବାଚନ ଅନୁଷ୍ଠିତ ହେବ । ୨୧ ବର୍ଷରୁ ... ହୋଇ ନଥିବା ପ୍ରତ୍ୟେକ ଭାରତୀୟ ନାଗରିକ ... ଏହି ସମ୍ବିଧାନ ଅଥବା ଅନ୍ୟ କୌଣସି ଆ... ଅନୁସାରୀ ଅନୁପଯୁକ୍ତ ବିବେଚିତ ହୋଇ ନ... ଏବଂ ଭୋଟର ତାଲିକାରେ ତାଙ୍କର ନାମ ଅନ୍ତ...

ହୋଇଥାଏ, ତାହାହେଲେ ସେ ନିର୍ବାଚନରେ ଅଂଶ ଗ୍ରହଣ କରିପାରିବେ ।

ପୁଣି, ସମ୍ବିଧାନର ୩୨୫ ଧାରାରେ ଉଲ୍ଲେଖ ଅଛି ଯେ ଧର୍ମ, ସମ୍ପ୍ରଦାୟ, ଜାତି ଓ ସ୍ତ୍ରୀପୁରୁଷ ଭେଦରେ କୌଣସି ନାଗରିକଙ୍କୁ ଭୋଟ ଦାନ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ ।

ସଂବିଧାନର ଏହି ଦୁଇଟି ଧାରାର ବ୍ୟବସ୍ଥାମତେ ପ୍ରତ୍ୟେକ ସାବାଳକ ଭାରତୀୟ ନାଗରିକଙ୍କର ନିର୍ବାଚନରେ ଅଂଶ ଗ୍ରହଣ କରିବାର ଅଧିକାର ରହିଛି ଏବଂ ଆମ ସଂବିଧାନ କାର୍ଯ୍ୟକାରୀ ହେବା ପରଠାରୁ ଦେଶରେ ଅନୁଷ୍ଠିତ ହୋଇଥିବା ସବୁ ଗୁଡ଼ିକ ନିର୍ବାଚନରେ ସେମାନେ ଏହି ଭୋଟ ଅଧିକାର ସାବ୍ୟସ୍ତ କରି ସାରିଲେଣି ।

୧୯୫୨ ମସିହାରେ ସାବାଳକ ଭୋଟ ଦାନ ପ୍ରଣାଳୀ ଅନୁସାରେ ସମଗ୍ର ଦେଶରେ ଯେତେବେଳେ ନିର୍ବାଚନ ପ୍ରସ୍ତୁତ ହେଲା, ସେତେବେଳେ ସମଗ୍ର ବିଶ୍ୱରେ ବିସ୍ମୟ ପ୍ରକାଶ ପାଇଥିଲା । କାରଣ ବିଶ୍ୱର ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ତୁଳନାରେ ଭାରତର ଅବସ୍ଥା ଭିନ୍ନ ପ୍ରକାରର ଥିଲା । ବର୍ତ୍ତମାନ ତୁଳନାରେ ୧୯୫୨ ମସିହା ବେଳକୁ ଶିକ୍ଷାର ପ୍ରସାର ଘଟି ନଥିଲା । ଭୋଟରମାନଙ୍କ ମଧ୍ୟରୁ ଶତକଡ଼ା ୧୦ରୁ କମ୍ ଲୋକ ସାକ୍ଷର ଥିଲେ । ମହିଳା ଭୋଟରମାନଙ୍କ ମଧ୍ୟରେ ସାକ୍ଷର ମହିଳାଙ୍କ ସଂଖ୍ୟା ଅତି ନଗଣ୍ୟ । ଦ୍ୱିତୀୟତଃ ଭାରତ ଏକ ଗ୍ରାମବହୁଳ ରାଷ୍ଟ୍ର ଏବଂ ଗ୍ରାମାଞ୍ଚଳରେ ଯୋଗାଯୋଗର ଆଦୌ ସୁବ୍ୟବସ୍ଥା ନଥିଲା । ତୃତୀୟତଃ ଭାରତୀୟ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳର ଆବିର୍ଭାବ । ଏହିସବୁ କାରଣରୁ ଭାରତର ପ୍ରଥମ ସାଧାରଣ ନିର୍ବାଚନର ସଫଳତା ପ୍ରତି ବୈଦେଶିକମାନଙ୍କ ମନରେ ଘୋର ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ; କିନ୍ତୁ ଭାରତୀୟ ଭୋଟରମାନେ ଯେଉଁଭଳି ଶୃଙ୍ଖଳିତ ଭାବେ ସେମାନଙ୍କର ପ୍ରତିନିଧି ନିର୍ବାଚନ କଲେ ଏବଂ ଏହି ପ୍ରଥମ ସାଧାରଣ ନିର୍ବାଚନ ଯେଉଁଭଳି ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହେଲା, ତାହା ଦେଖି ସମଗ୍ର ବିଶ୍ୱବାସୀ ବିସ୍ମୟାଭିଭୂତ ହୋଇପଡିଲେ ।

୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ ପରେ ଆମ ଦେଶରେ ଆଉ ତିନିଗୋଟି ସାଧାରଣ ନିର୍ବାଚନ ସଫଳତାର ସହିତ ଅନୁଷ୍ଠିତ ହୋଇ-ଯାଇଛି । ଆମ ଓଡ଼ିଶାରେ ମଧ୍ୟ ୧୯୫୨ ପରେ ୧୯୫୭, ୧୯୬୧ ଓ ୧୯୬୭ ମସିହାରେ ୩ଟି ନିର୍ବାଚନ ହୋଇଛି ।

ଆଗାମୀ ମାର୍ଚ୍ଚ ୫ ତାରିଖରେ ଲୋକସଭା ଓ ଓଡ଼ିଶା ରାଜ୍ୟ ବିଧାନ ସଭା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ । ଆଗାମୀ ଲୋକସଭା ନିର୍ବାଚନରେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ପ୍ରାୟ ୨୭ କୋଟି ୫୦ ଲକ୍ଷ ଭୋଟଦାତା ସେମାନଙ୍କର ଭୋଟ ଜରିଆରେ ଲୋକସଭାପାଇଁ ୫୨୦ ଜଣ ପ୍ରତିନିଧି ବାଛିବେ । ସେହିପରି ଓଡ଼ିଶାର ପ୍ରାୟ ୧ କୋଟି ୯ ଲକ୍ଷ ଭୋଟଦାତା ଲୋକସଭାପାଇଁ ୨୦ ଜଣ ଓ ରାଜ୍ୟ ବିଧାନ ସଭା ନିମନ୍ତେ ୧୪୦ ଜଣ ପ୍ରତିନିଧିଙ୍କୁ ବାଛିବେ ।

ଏହି ପରିପ୍ରେକ୍ଷୀରେ ଆମକୁ ସ୍ମରଣ ରଖିବାକୁ ହେବ ଯେ ଗଣତନ୍ତ୍ରର ସଫଳତା ନିର୍ବାଚନର ସଫଳତା ଉପରେ ବହୁ ପରିମାଣରେ ନିର୍ଭର କରେ । ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ବାତାବରଣ ମଧ୍ୟରେ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ ହେଲେ ଆମର ଅତୀତ ପରମ୍ପରା ଅକ୍ଷୁର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ଏହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକ୍ଷେତ୍ରେ ଆଉ ଏକ ବଳିଷ୍ଠ ପଦକ୍ଷେପ ରୂପେ ବିବେଚିତ ହେବ ।

ଇତି ମଧ୍ୟରେ ଆମ ରାଜ୍ୟରେ ଉଭୟ ଲୋକସଭା ତଥା ରାଜ୍ୟ ବିଧାନସଭା ନିମନ୍ତେ

ପ୍ରାର୍ଥୀଙ୍କ ତାଲିକା, ଯାଞ୍ଚ ତଥା ପ୍ରତ୍ୟାହାର କରିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ପ୍ରାର୍ଥୀମାନଙ୍କର ନିଜ ନିଜ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଆରମ୍ଭ ହୋଇଛି ।

ଏହି ପୃଷ୍ଠଭୂମିରେ ଆମକୁ ସ୍ମରଣ ରଖିବାକୁ ହେବ ଯେ ନ୍ୟାୟ ଓ ନିରପେକ୍ଷ ନିର୍ବାଚନହିଁ ଗଣତନ୍ତ୍ରର ଅନ୍ୟତମ ଲକ୍ଷ୍ୟ । ଅନ୍ୟ ପକ୍ଷରେ ଏହି ନ୍ୟାୟ ଓ ନିରପେକ୍ଷ ନିର୍ବାଚନପାଇଁ ଆବଶ୍ୟକ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ବାତାବରଣ । ଏହିଭଳି ବାତାବରଣ ରକ୍ଷା କରିବା କ୍ଷେତ୍ରରେ ଭୋଟଦାତାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ନିର୍ବାଚନ ପ୍ରାର୍ଥୀ ଓ ସେମାନଙ୍କର ସମର୍ଥକମାନଙ୍କର ବିଶେଷ ଦାୟିତ୍ୱ ରହିଛି । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ପ୍ରାର୍ଥୀଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଦାତାମାନଙ୍କ ସମ୍ମୁଖରେ ନିଜ ନିଜ ଦଳର କାର୍ଯ୍ୟକ୍ରମକୁ ଉପସ୍ଥାପନ କରିବା । ଭୟଭୀତ କରାଇ କିମ୍ବା ଭିନ୍ନ ଭିନ୍ନ ପ୍ରଲୋଭିତ କରି ସେମାନଙ୍କଠାରୁ ଭୋଟ କରିବା କେବଳ ଯେ ଗଣତନ୍ତ୍ରବିରୋଧୀ କାର୍ଯ୍ୟ ନୁହେଁ, ଏହା ବେଆଇନ୍ ମଧ୍ୟ । ନ୍ୟାୟ ଓ ନିର୍ବାଚନରେ ଭୋଟଦାତାମାନେ ଯେପରି ସେମାନଙ୍କର ଭୋଟ ଅଧିକାରକୁ ସାବ୍ୟସ୍ତ ପାରିବେ ସେଥିପ୍ରତି ଧ୍ୟାନ ଦେବା ଆମ ସମସ୍ତ କର୍ତ୍ତବ୍ୟ ।

ଜୟବ୍ରତ୍

(ଆକାଶବାଣୀ, କଟକଙ୍କ ସୌଜନ୍ୟ




ଭୁବନେଶ୍ୱର ରାଜ୍ୟ ସୂଚନା କେନ୍ଦ୍ର ସାମନାରେ ନିର୍ବାଚନ ଫଳାଫଳ ଅପେକ୍ଷାରେ




ଶ୍ରୀ ନୀଳମଣି ସେନାପତି ରାଜ୍ୟପାଳଙ୍କୁ ସାଧାରଣତନ୍ତ୍ର ଦିବସରେ
ସମ୍ବଲପୁର ଜିଲ୍ଲା ଗେଜେଟିୟର ଅର୍ପଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ସାଧାରଣତନ୍ତ୍ର ଦିବସ ଉତ୍ସବରେ ଶ୍ରୀ ଦୁର୍ଗାମାଧବ ମିଶ୍ର, ଆଇ. ପି. ଏସ୍‌ଙ୍କୁ ରାଜ୍ୟପାଳ ପୋଲିସ
ପଦକ ପ୍ରଦାନ କରୁଛନ୍ତି ।






ପୁରୀ ଜିଲ୍ଲାପାଳ ଶ୍ରୀ ପଦ୍ମନାଭ ସାହୁ ସାଧାରଣତନ୍ତ୍ର ଦିବସ ପରେଡ୍ ପରିଦର୍ଶନ କରୁଛନ୍ତି ।

## ଜିଲ୍ଲା ସମ୍ବାଦ

ରେଭେନ୍ୟୁ ଡିଭିଜନାଲ କମିଶନର ଶ୍ରୀ ଚକ୍ରବର୍ତ୍ତୀ ନୀଳଗିରି ତହସିଲ ଅଫିସ ଉଦ୍‌ଘାଟନ କରୁଛନ୍ତି ।





ରାଜ୍ୟପାଳ ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୯୭୧ର ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପରିଦର୍ଶନ କରୁଛନ୍ତି ।

# ଚିତ୍ରେ ସମ୍ବାଦ

ଡିଶାର ରାଜ୍ୟପାଳ ଡକ୍ଟର ଆନ୍‌ସାରି ୧୯୭୧ ଜାନୁଆରୀ ୨୯ ତାରିଖରେ ଭୁବନେଶ୍ୱର ରମା ଦେବୀ ମହିଳା କଲେଜର ବାର୍ଷିକ ଦିବସ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ଯୋଗ ଦେଇଥିଲେ ।







ରାଜ୍ୟପାଳ ଡକ୍ଟର ଆନ୍ସାରି ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱରଠାରେ କୃତୀ ଶିକ୍ଷକମାନଙ୍କୁ ରାଷ୍ଟ୍ରୀୟସମ୍ମାନ ସୂଚକ ପୁରସ୍କାର ପ୍ରଦାନ କରୁଛନ୍ତି ।






କଳାହାଣ୍ଡି ଜିଲ୍ଲାପାଳ ଶ୍ରୀ ରଟୋ ଗୋବର୍ଦ୍ଧନଙ୍କ ସହଧର୍ମିଣୀ ସାଧାରଣତନ୍ତ୍ର ଦିବସରେ ଭବାନୀପାଟଣା ସରକାରୀ ଉଚ୍ଚଇଂରାଜୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱଳ୍ପସଞ୍ଚୟ ସିଲ୍ଡ ପ୍ରଦାନ କରୁଛନ୍ତି ।

## ଖେଳ ସମ୍ବାଦ



ବଲାଙ୍ଗୀର ଜିଲ୍ଲା କଲେକ୍ଟର ଶ୍ରୀ ଏମ୍. ୱାଇ. ରାଓ ଟିଟିଲାଗଡ଼ ସରକାରୀ ବାଳିକା ଉଚ୍ଚଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କୁ ସ୍ୱଳ୍ପସଂଚୟ ସିଲ୍ଡ ପ୍ରଦାନ କରୁଛନ୍ତି ।



ଭୁବନେଶ୍ୱରଠାରେ ୧୯୭୧ ଜାନୁଆରୀ ୨୩ ତାରିଖ ଦିନ ଆୟୋଜିତ ଜିଲ୍ଲାପାଳ ସମ୍ମିଳନୀରେ ନିର୍ବାଚନ ପରିଚାଳନା ସମ୍ପର୍କରେ ଆଲୋଚନା ।

## ଚିତ୍ରେ ସମ୍ବାଦ



ବାରବାଟୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟର ଛାତ୍ରୀମାନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା ସାଧାରଣତନ୍ତ୍ର ଦିବସ ଶିଲ୍ଡ ପ୍ରଦାନ କରୁଛନ୍ତି ।



ଭବାନୀପାଟଣାଠାରେ ସାଧାରଣତନ୍ତ୍ର ଦିବସ ପାଳନ
ଜିଲ୍ଲାପାଳ ଶ୍ରୀ ଭଗ୍ନୋ ଗୋବର୍ଦ୍ଧନ ଭବାନୀପାଟ
କଲେଜ ଏନ୍. ସି. ସି. ଛାତ୍ରଦଳଙ୍କୁ ସିଲ୍ଡ ପ୍ରଦ
କରୁଛନ୍ତି ।

## ଚିତ୍ରେ ସମ୍ବାଦ

ପୁରୀଠାରେ ସାଧାରଣତନ୍ତ୍ର ଦିବସ ପାଳନ—ଜିଲ୍ଲାପାଳ ଶ୍ରୀ ସାହୁ ଶ୍ରେଷ୍ଠ ପରେଡ଼୍ ନିମନ୍ତେ ସିଲ୍ଡ ପ୍ରଦାନ କରୁଛନ୍ତି ।





ବଲାଙ୍ଗୀରଠାରେ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ: ଜିଲ୍ଲାପାଳଙ୍କ ଗହଣରେ ଘୁମୁରା ଲୋକନୃତ୍ୟ ଦଳ

## ଚିତ୍ରେ ସମ୍ବାଦ

ଫୁଲବାଣୀଠାରେ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ; ଜିଲ୍ଲାପାଳ ଶ୍ରୀ ରଥ ସରକାରୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶ୍ରେଷ୍ଠତ୍ୱ ସିଲଡ଼ ପ୍ରଦାନ କରୁଛନ୍ତି ।



# ଆମ ରାଜ୍ୟ

## ରାଜ୍ୟପାଳଙ୍କ ହସ୍ତରେ ସମ୍ବଲପୁର ଜିଲା ଗେଜେଟିୟର ଅର୍ପଣ

୧୯୭୧ ମସିହାର ସାଧାରଣତନ୍ତ୍ର ଦିବସରେ, 'ସମ୍ବଲପୁର ଜିଲା ଗେଜେଟିୟର' ପ୍ରକାଶିତ ହେଲା । ଭାରତର ଦ୍ୱାବିଂଶତିତମ ସାଧାରଣତନ୍ତ୍ର ଦିବସର ଶୁଭ ଅବସରରେ, ମୁଖ୍ୟ ସଂପାଦକ ଶ୍ରୀ ନୀଳମଣି ସେନାପତି, ଆଇ. ସି. ଏସ. ( ଅବସରପ୍ରାପ୍ତ ) ଓ ସଂପାଦକ, ଶ୍ରୀ ଦୁର୍ଗାଚରଣ ମହାନ୍ତି, ଆଇ. ଏ. ଏସ୍. ରାଜଭବନରେ ଏକ ବିଶେଷ ଉତ୍ସବରେ ସେଦିନ ୫ ୩'୪୫ ମିନିଟ୍ ସମୟରେ, ରାଜଭବନର ଉଦ୍ୟାନରେ ଅନୁଷ୍ଠିତ ହୋଇଥିବା ବନ୍ଧୁମିଳନର ଠିକ୍ ପୂର୍ବରୁ, ରାଜ୍ୟପାଳଙ୍କ ହସ୍ତରେ ଏହି ଗେଜେଟିୟର ଅର୍ପଣ କରିଥିଲେ ।



ଭୋଟ ଗ୍ରହଣ କେନ୍ଦ୍ରରେ ନିଜ ଶିଶୁ ସହିତ ଜଣେ ମହିଳା ଭୋଟର

ଓଡ଼ିଶା ରିଭିଉ ଓ ଉତ୍କଳ ପ୍ରସଙ୍ଗରେ ବିଜ୍ଞାପନ ଦେଇ
ଆପଣଙ୍କ ବ୍ୟବସାୟର ପ୍ରସାର ଘଟାନ୍ତୁ

ବିଶେଷ ବିବରଣ ପାଇଁ

ମ୍ୟାନେଜର ଅଫ୍ ପବ୍ଲିକେସନ୍ସ୍,
ହୋମ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱରଙ୍କ
ସହିତ ପତ୍ରାଳାପ କରନ୍ତୁ ।

OGP—MP-II [Home (P. R.)] 213—10,000—2-3-1971